# ଧ୍ୱଂସମୁଖରେ ଧାଉଡ଼ିଆପଦା ପାହାଡ଼

■ ପ୍ରଶାସନର ନଜର ନାହିଁ
■ ଖନନ ବନ୍ଦ କରିବାକୁ ଦାବି

ଚଣ୍ଡିଖୋଲ,୭।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):


ଧାଉଡ଼ିଆପଦା ପାହାଡ଼।

ଯାଜପୁର ଜିଲା ଦର୍ପଣ ତହସିଲ ଅଧୀନ ତାରିନଙ୍ଗଳ ପଞ୍ଚାୟତରେ ରହିଛି ଧାଉଡ଼ିଆପଦା ପାହାଡ଼। ଏହି ପାହାଡ଼ର କୌଣସି ଅଂଶ ନିଲାମ ଦିଆଯାଇ ନ ଥିବାବେଳେ ଚୋରା ପଥର ବେପାରୀମାନେ ରାତି ସାରା ପାହାଡ଼କୁ ଖୋଳି ଧ୍ୱଂସ କରିବାକୁ ବସିଲେଣି। କୃଷ୍ଣଦାସପୁର-ରତ୍ନଗିରି ରାସ୍ତା କଡ଼ରେ ରହିଥିବା ଏହି ପାହାଡ଼ଟି ଏକ ସୌନ୍ଦର୍ଯ୍ୟମୟ। ପାହାଡ଼ ଅପରପାର୍ଶ୍ୱରେ ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଉଦୟଗିରି ରହିଛି। ଉଦୟଗିରିକୁ ଦେଶବିଦେଶରୁ ପର୍ଯ୍ୟଟକ ଆସୁଥିବାବେଳେ ଏହାର ଶୋଭାରାଜ ବହନ କରୁଥିବା ଧାଉଡ଼ିଆପଦା ପାହାଡ଼ରୁ ଅନେକ ହଜାର ସଂଖ୍ୟାରେ ଗଛକାଟି ଖାଦାନ ସୃଷ୍ଟି ହୋଇଗଲାଣି। ଖାଦାନ ୫୦ଫୁଟରୁ ଅଧିକ ଗଭୀର ହୋଇଥିବେ ମଧ ଏଥିପ୍ରତି ପ୍ରଶାସନର ନଜରନାହିଁ। ପାହାଡ଼ ଉପର ଭାଗରେ ଷୋଳପୁଅ ମା'ଠାକୁରାଣୀ ରହିଥିବାବେଳେ ଏହାର ଅନତି ଦୂରରେ ହିନ୍ଦୁ ଓ ମୁସଲମାନଙ୍କ ସର୍ବଧର୍ମ ସମନ୍ୱୟସ୍ଥଳୀ ସତ୍ୟପୀର ପୂଜା ପାଉଛନ୍ତି। ଏହି ପାହାଡ଼ରୁ ଦୈନିକ ୩୦ରୁ ଉର୍ଦ୍ଧ୍ୱ ଟ୍ରକରେ ବିଭିନ୍ନ ସ୍ଥାନକୁ ମୋରମ୍ ଚାଲାଣ କରାଯାଉଛି। ଏଠାରେ ଭଲ ମୋରମ୍ ବାହାରୁଥିବା ହେତୁ ଏହାର ଚାହିଦା ଅଧିକ ରହିଛି।

ଐତିହାସିକମାନଙ୍କ ମତରେ ବୌଦ୍ଧପୀଠ ଉଦୟଗିରିରେ ଯେଉଁ ବୌଦ୍ଧ ଭିକ୍ଷୁମାନେ ରହୁଥିଲେ ସେମାନେ ସକାଳର ସୂର୍ଯ୍ୟୋଦୟ ଧାଉଡ଼ିଆପଦା ପାହାଡ଼ରେ ଦର୍ଶନ କରୁଥିଲେ। ଏଥିସହିତ ସୂର୍ଯ୍ୟପୂଜା ମଧ କରୁଥିଲେ। ସୌନ୍ଦର୍ଯ୍ୟମୟ ଏହି ପାହାଡ଼କୁ ଖନନ କରାଯିବା ଦ୍ୱାରା ଏହା ବିକୃତ ଅବସ୍ଥାକୁ ଆସିଗଲାଣି। ଲଳିତଗିରି, ରତ୍ନଗିରି ଓ ଉଦୟଗିରିକୁ ହୀରକ ତ୍ରିଭୁଜଭାବେ ପରିଗଣିତ କରାଯାଉଛି। ଏହାକୁ ଯଦି ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବା ପାଇଁ ଦାବି ହୁଏ ତେବେ ଏହି ପାହାଡ଼ ଖନନ ବନ୍ଦ କରିବା ଆବଶ୍ୟକ ବୋଲି ଐତିହାସିକମାନେ ମତ ରଖୁଛନ୍ତି। ଅନ୍ୟପକ୍ଷରେ ତୁରନ୍ତ ଏହି ପାହାଡ଼ ଖନନ ବନ୍ଦ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜିଲା ଖଣିବିଭାଗ ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ବର୍ତ୍ତମାନ ଲଘୁ ଖଣିଜ ଖାଦାନଗୁଡ଼ିକ ଖଣି ବିଭାଗ ଅଧୀନକୁ ପଳାଇ ଯାଇଛି। ତେଣୁ ଆମର ସେଥିରେ କିଛି କରିବାର ନାହିଁ।

# ଧର୍ମଶାଳା ଖୋଜ୍‌ର ପ୍ରତିଷ୍ଠା ଦିବସ

ରସୁଲପୁର,୭।୧୨(ରଂଜିତ ରାଉତ): ଯାଜପୁର ଜିଲାରେ ହଜିଯାଉଥିବା ଐତିହ୍ୟ, ସଂସ୍କୃତି, ପରମ୍ପରାକୁ ପୁନର୍ଜୀବିତ ଓ ପୁନରୁଦ୍ଧାର କରିବାକୁ ପ୍ରୟାସ ଜାରି ରଖିଥିବା ଅନୁଷ୍ଠାନ 'ଧର୍ମଶାଳା ଖୋଜ'ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ରସୁଲପୁର ବ୍ଲକ ବାରବାଟୀସ୍ଥିତ ଅନୁଷ୍ଠାନର କାର୍ଯ୍ୟାଳୟଠାରେ ଆୟୋଜିତ ଉତ୍ସବରେ ପ୍ରାକ୍ତନ ଜିଲାପରିଷଦ ସଦସ୍ୟ ତଥା ଅନୁଷ୍ଠାନର ସଭାପତି ନିର୍ମଳ ସାମଲ ସଭାପତିତ୍ୱ କରିଥିଲେ। ଧର୍ମଶାଳାର ପ୍ରାକ୍ତନ ବିଧାୟକ ଗୁରୁଚରଣ ଟିକାୟତଙ୍କ ଦ୍ୱାରା ଗ୍ରାମାଞ୍ଚଳର ଗର୍ବ, ଗୌରବ ଓ ପରିଚୟ ବୋଲି ବିବେଚିତ ହେଉଥିବା ମଠ, ମନ୍ଦିର, ଧାର୍ମିକ ଅନୁଷ୍ଠାନ, ଲୋକକଳା ଓ ସଂସ୍କୃତିକୁ ପୁନର୍ଜୀବିତ କରିବା ଏବଂ ଯାଜପୁର ଜିଲାରେ ଧର୍ମଶାଳା ଓ ରସୁଲପୁର ବ୍ଲକ ଭଳି କୃଷି ପ୍ରଧାନ ଅଂଚଳରେ ଚାଷୀଙ୍କ ପାଇଁ ଜଳସେଚନ ସୁବିଧା, କୃଷକଙ୍କୁ ସୁଲଭ ମୂଲ୍ୟରେ ସାର, ଔଷଧ, ବିହନ, କୀଟନାଶକ ଆଦି ଉପଲବ୍ଧ ହେବାର ସୁବିଧା, ସୁଯୋଗ ଯୋଗାଇ ଦେବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଆସୁଥିଲେ। ଏ ସବୁ ପ୍ରସଙ୍ଗକୁ ଉଜ୍ଜୀବିତ ରଖିବା ଓ ପୁରୁଣା ଅନୁଷ୍ଠାନକୁ ନୂତନ ରୂପ ଦେବା ପାଇଁ ଧର୍ମଶାଳା ଖୋଜ ଅନୁଷ୍ଠାନ ଗଠନ କରାଯାଇଛି। ଏହାଛଡ଼ା ଅନୁଷ୍ଠାନ ନାମରେ ଏକ ପତ୍ରିକା ପ୍ରକାଶ ପାଇଁ ବୈଠକରେ ଆଲୋଚନା କରାଯାଇଛି। ଏଠାରେ ଆୟୋଜିତ ବୈଠକରେ ଅନୁଷ୍ଠାନ ଉପଦେଷ୍ଟା ତଥା ପୂର୍ବତନ ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ନାୟକ, ବିରୋଳ ରାଉତ, ରାଜୀବ ମଲ୍ଲିକ, ଉଦୟ ମହାରଣା, ଭରତ ପୃଷ୍ଟି, ଗୌରାଙ୍ଗ ଚରଣ ସାହୁ, ପ୍ରଶାନ୍ତ କୁମାର ସେଠୀ, ପ୍ରମୋଦ ପ୍ରଧାନଙ୍କ ସମେତ ଧର୍ମଶାଳା ବ୍ଲକ କାର୍ଯ୍ୟକର୍ତ୍ତା ଓ ଶୁଭଚିନ୍ତକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଂଗଠନର ସହସମ୍ପାଦକ ସନ୍ତୋଷ କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ମୂଳାପାଳ ଶିଶୁ ମନ୍ଦିରର କ୍ରୀଡ଼ା ପ୍ରତିଯୋଗିତା


କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ।

ପାଣିକୋଇଲି,୭।୧୨(ବିକାଶ ମଲ୍ଲିକ):

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ମନ୍ଦିରର ୨୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୈତରଣୀ ନଦୀକୂଳ ବାଲିମେଳା ପଡ଼ିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଯାଜପୁର ଜିଲା ସାମ୍ବାଦିକ ସଂଘର ସଭାପତି ସୁବାସ ଧଳ, ସମ୍ମାନିତ ଅତିଥିଭାବେ ଶିଶୁ ମନ୍ଦିର ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲୀପ କୁମାର ଧଳ, ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତି ବିଷ୍ଣୁଚରଣ ଧଳ, ସାମ୍ବାଦିକ ମନୋଜ କୁମାର ସାହୁ ଓ ମାନସ ରଞ୍ଜନ ଧଳ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ଶଙ୍କର୍ଷଣ ପରିଡ଼ା, ସହସମ୍ପାଦକ ରାଜକିଶୋର ମଲ୍ଲିକ ଓ କୋଷାଧ୍ୟକ୍ଷ କୈଳାସ ସାହୁ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ଜ୍ୟୋତିର୍ମୟୀ ଦ୍ୱିବେଦୀ ସଭା ସଞ୍ଚାଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ନକୁଳ ଚରଣ ସାହୁ ଓ ସାମରିକା ମିଶ୍ର ଖେଳ ପରିଚାଳନା କରିଥିଲେ। ବାଲ ବର୍ଗ, ଶିଶୁ ବର୍ଗ, କନିଷ୍ଠ, ବିଭାଗ, ବରିଷ୍ଠ ବିଭାଗରେ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ ମିଟର, ୨୦୦ ମିଟର, ୫୦୦ ମିଟର ଦୌଡ଼, ଗୋଳା ପିଙ୍ଗା, ଥାଳିଆ ପିଙ୍ଗା, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ସଙ୍ଗୀତ ଚୌକି, ଗଣିତ ଦୌଡ଼, ଅଖା ଡିଆଁ, ନଦୀ ବନ୍ଧ ଇତ୍ୟାଦି ଖେଳ ପ୍ରଦର୍ଶନ କରାଯାଇଥିଲା। ସହ ପ୍ରଧାନଆଚାର୍ଯ୍ୟ ଜଗନ୍ନାଥ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପିଲାଙ୍କ ଲୁକ୍କାୟିତ ପ୍ରତିଭା ବିକଶିତ କରିବାକୁ ଆହ୍ୱାନ



ବାଲ ସଭାରେ ଯୋଗଦେଇଥିବା ସରପଞ୍ଚ ଓ ସମ୍ପୃକ୍ତ ଅଧିକାରୀମାନେ।

ରସୁଲପୁର,୭।୧୨(ରଂଜିତ ରାଉତ):

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧ୍ୟକ୍ଷତାରେ ବାଲ୍ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀ ଯୋଗଦେଇ ବାଳିକାବାଳକଙ୍କ ଅଧିକାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପିଲାଙ୍କ ମୌଳିକ ଅଧିକାରକୁ ଅକ୍ଷୁଣ୍ଣ ରଖିବା ସହ ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ସୁଯୋଗକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବାଳମାନଙ୍କ ଶୈଶବକୁ ଚାପମୁକ୍ତ କରିବା ସହ ସେମାନଙ୍କ ଉପରେ ପରିବାର ସଦସ୍ୟ, ଜ୍ଞାତିକୁଟୁମ୍ବଙ୍କୁ ଲକ୍ଷ୍ୟକୁ ଲଦି ନ ଦେବା, ପିଲାଙ୍କ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଆହ୍ୱାନ ଦିଆଯାଇଥିଲା।

କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଧିକାରୀ ଭାବେ ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ରବୀନ୍ଦ୍ର କୁମାର ସେଠୀ, ସାମାଜିକ କର୍ମୀ ମଣ୍ଟୁ ଦାସ, ନାଏବ ସରପଞ୍ଚ କେଦାର ଦେଓ, ଏମ୍‌ବିକେ ସସ୍ମିତା ଆଏଚ, ପିଇଓ ଅକ୍ଷୟ ସାମଲ ପ୍ରମୁଖ ଯୋଗଦେଇ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଜରିଆରେ ପଞ୍ଚାୟତ ଅଧୀନ ବିଭିନ୍ନ ବିଦ୍ୟାଳୟରୁ ଯୋଗଦେଇଥିବା ବିଦ୍ୟାର୍ଥୀ ଅଂଶ ଗ୍ରହଣକରି ସଭାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ ହୋଇଥିଲେ। ସଭା ଜରିଆରେ ୧୦ରୁ୧୮ବର୍ଷର ପିଲାମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ତଥ୍ୟ ସଂଗ୍ରହ କରାଯାଇଥିଲା। ଉକ୍ତ ସମସ୍ୟାକୁ ନେଇ ଯୋଜନା ପ୍ରସ୍ତୁତ ଓ ତାର ସମାଧାନ ଉପରେ ଗୁରୁତ୍ୱ ଦିଆଯିବ। ଏହି ଜରିଆରେ ଶୈଶବମାନଙ୍କ ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି କୁହାଯାଇଥିଲା। ଏଡିଇଓ ରୁକ୍ମିଣୀ ନାଥ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ଯୁବ ଉତ୍ସବ ପ୍ରସ୍ତୁତି ବୈଠକ

ଯାଜପୁର ଟାଉନ,୭।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):


ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ଯାଜପୁର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଶନିବାର ଜିଲା ପ୍ରଶାସନ ଓ ଜିଲା ନେହେରୁ ଯୁବକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୬ତାରିଖରେ ହେବାକୁ ଥିବା ଯୁବ ଉତ୍ସବ ୨୦୨୪-୨୫ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା ଅଧକ୍ଷତା କରି ଯୁବବର୍ଗ ମଧ୍ୟରେ ଥିବା ପ୍ରତିଭାର ବିକାଶ ଓ ଉନ୍ମେଷ ଲାଗି ଏହା ଏକ ଉପଯୁକ୍ତ ମାଧ୍ୟମ ହୋଇଥିବାରୁ ଜିଲାର ଅଧିକରୁ ଅଧିକ ଯୁବବର୍ଗଙ୍କୁ ସାମିଲ କରିବା ଲାଗି ପରାମର୍ଶ ଦେଇଥିଲେ। ଏହି ଜିଲାସ୍ତରୀୟ ଯୁବ ଉତ୍ସବ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏଥିପାଇଁ ବୟସ ସୀମା ସେପ୍ଟେମ୍ବର ୩୦ ୨୦୨୪ ସୁଦ୍ଧା ୧୫ରୁ ୨୯ବର୍ଷ ହୋଇଥିବା ଆବଶ୍ୟକ। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ବିଜ୍ଞାନ ମେଳା ପ୍ରଦର୍ଶନୀ, ଯୁବା ଚିତ୍ରାଙ୍କନ ପ୍ରତିଯୋଗିତା, ଗୀତ ପଦ୍ୟ(ହିନ୍ଦୀ/ଇଂରାଜୀ), ଯୁବା ଲେଖକ ପ୍ରତିଯୋଗିତା, ଫଟୋଗ୍ରାଫି(ମୋବାଇଲ), ବକ୍ତୃତା ପ୍ରତିଯୋଗିତା, ଦଳଗତ ସଂସ୍କୃତି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉତ୍ସବରେ ଉନ୍ନୀତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ବୈଠକରେ ନେହେରୁ ଯୁବକେନ୍ଦ୍ରର ୟୁଥ ଅଫିସର ବାସୁଦେବ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲା ସୁରକ୍ଷା ଅଧିକାରୀ, ଜିଲା ସଂସ୍କୃତି ଅଧିକାରୀ, ଜିଲା କ୍ରୀଡ଼ା ଅଧିକାରୀ, କ୍ରୀଡ଼ା ଅଧ୍ୟାପକ, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜିଲା ସଂଯୋଜକ(ସ୍କାଉଟ/ ଗାଇଡ) ଅଧିକାରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉତ୍ସବରେ ଜିଲାର ସମସ୍ତ ପଦାଧିକାରୀ, କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ମନ୍ତ୍ରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ନୂତନ ଶିକ୍ଷାନୀତିରେ ଯୋଗକୁ ବାଧ୍ୟତାମୂଳକ ଦାବି

ରସୁଲପୁର,୭।୧୨(ରଂଜିତ ରାଉତ):

ଯୋଗାଭ୍ୟାସ ଜୀବନ ପାଇଁ ଅତ୍ୟନ୍ତ ଉପଯୋଗୀ, ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଯୋ ଏକ ଅପରିହାର୍ଯ୍ୟ ଅଭ୍ୟାସ ବୋଲି ମନେ ହେଉଛି। ଯୋଗର ପ୍ରଚାର ପ୍ରସାର ପାଇଁ ପ୍ରଧାନମନ୍ତ୍ରୀ ପଦକ୍ଷେପ ନେବା ସହ ଯୋଗକୁ ନେଇ ବହୁ ଉପଦେଶମୂଳକ ବାର୍ତ୍ତା ପ୍ରେରଣ କରୁଛନ୍ତି। ଏହି ମର୍ମରେ ସରକାରଙ୍କ ନୂତନ ଶିକ୍ଷାନୀତି ଆଧାରରେ ଯୋଗକୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ଏକ ବାଧ୍ୟତାମୂଳକ ଶିକ୍ଷା ଭାବରେ ଗ୍ରହଣ କରାଯାଉ ବୋଲି ଓଡ଼ିଶା ରାଜ୍ୟ ଯୋଗ ଚିକିତ୍ସକ ସଂଘର ସଭାପତି ଡ. ବନମାଳୀ ରଥ ଦାବି କରିଛନ୍ତି। ସେ ଏନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏକ ଲିଖିତ ଦାବିପତ୍ର ଜରିଆରେ ନିବେଦନ କରିବା ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଜରିଆରେ ଅଭିଯୋଗ ଜଣାଇଛନ୍ତି। ପରିବର୍ତ୍ତିତ ପାଣିପାଗ, ଦୂଷିତ ପରିବେଶରେ ମାନବଜାତିର ଦୈନନ୍ଦିନ ଚଳନୀ ପ୍ରଭାବି ହେଉଛି। ସୁସ୍ଥ ଓ ନରୋଗୀ ଜୀବନ ବଞ୍ଚିବା ସହ ଜଙ୍କ ଫୁଡ୍ ପ୍ରେମୀ ଛାତ୍ର ଓ ଯୁବ ସମାଜକୁ କ୍ଲାନ୍ତ, ଅବସାଦମୁକ୍ତ, ମେଦ ବହୁଳତା, ହୃଦଘାତ ରୋଗ ଆଦିରୁ ଦୂରେଇ ରହିବା ପାଇଁ ଯୋଗଭ୍ୟାସ ଏକମାତ୍ର ସହଜ,ସରଳ, ନିଶୁଳ୍କ ଉପାୟ ଅଟେ ବୋଲି ଯୁକ୍ତି ରଖିଛନ୍ତି। ଶୈଶବ ବୟସରୁ ଯୋଗଭ୍ୟାସ କରିବା ନେଇ ଶିକ୍ଷା ପ୍ରଦାନ କରିବା ସହ ବିଦ୍ୟାଳୟଗୁଡ଼ିକରେ ଜଣେ ଯୋଗ ପ୍ରଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ବିଦ୍ୟାର୍ଥୀଙ୍କୁ ଯୋଗ ପ୍ରଶିକ୍ଷଣ ଓ ତା'ର ଉପକାରିତା ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯିବାକୁ ଦାବି ରଖିଛନ୍ତି।

# ଶ୍ରୀଗଣେଶ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଜ୍ଞାନମେଳା


ବିଜ୍ଞାନ ମେଳାରେ ଛାତ୍ରୀଛାତ୍ର ନିଜର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଯାଜପୁର ଟାଉନ,୭।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର ନଗରସ୍ଥିତ ଶ୍ରୀଗଣେଶ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବିଦ୍ୟାମନ୍ଦିର ପରିସରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତୃତୀୟରୁ ସପ୍ତମ ଶ୍ରେଣୀର ପିଲାମାନେ ପ୍ରାୟ ୪୦ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ପ୍ରଭାତି ବେହୁରା, ବିଦ୍ୟାଳୟ ଟ୍ରଷ୍ଟବୋର୍ଡର ସଦସ୍ୟା ଭାଗ୍ୟଲକ୍ଷ୍ମୀ ଦାଶ, ସହପ୍ରଧାନ ଆଚାର୍ଯ୍ୟା ଗୀତାରାଣୀ ସାହୁ ବିଚାରକ ମଣ୍ଡଳୀ ରୂପେ ଯୋଗଦେଇଥିଲେ। ଆଚାର୍ଯ୍ୟା ରାଶେଶ୍ୱରୀ ମହାନ୍ତି, ପ୍ରିୟଙ୍କା ଓଝା, ସୁନିତା ଗୋଚ୍ଛାୟତ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ବିଦ୍ୟାଳୟର ସମସ୍ତ ଅଭିଭାବକ ମେଳାକୁ ବୁଲି ଦେଖିଥିଲେ।

# ସାଇ ଆଶ୍ରିତ ଶିକ୍ଷାବିତ୍ ସୁରେନ୍ଦ୍ର ଭୂୟାଁଙ୍କ ପରଲୋକ

ଚଣ୍ଡିଖୋଲ,୭।୧୨(ପ୍ରଦୀପ୍ତକୁମାରପୃଷ୍ଟି):



ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ଗ୍ରାମର ଶିକ୍ଷାବିତ ତଥା ସାଇ ଆଶ୍ରିତ ସୁରେନ୍ଦ୍ର ନାଥ ଭୂୟାଁ(୯୦)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ବାୟସାଧିକ ଯୋଗୁ ଅସୁସ୍ଥ ଥିଲେ। ବିଭିନ୍ନ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଓ ଶେଷରେ ଶିକ୍ଷା ପ୍ରଶାସକ ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ସତ୍ୟସାଇ ସେବା ସଂଗଠନ ପଲେଇର ଆବାହକ ରୂପେ କାର୍ଯ୍ୟ କରିଥିଲେ। ସାଇ ଆଶ୍ରିତ ଭାବରେ ସାଇ ସଂଗଠନକୁ ଆଗକୁ ନେବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ତାଙ୍କ ପରଲୋକ ଖବର ପାଇ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ବଡ଼ଚଣା ବିଧାୟକ ଅମର ନାୟକ, ଯାଜପୁରର ପୂର୍ବତନ ଜିଲାପାଳ ଅନିଲ ସାମଲ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ମରଶରୀରକୁ ପଲେଇ, ବରଦା ଓ ବିକ୍ରମ ତିରଣ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା ପରେ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଶୁଭେନ୍ଦୁ ଭୂୟାଁ ମିଖାଗ୍ନି ଦେଇଥିଲେ।

# ରେଳପଥ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ଦାବି

ଯାଜପୁର ଟାଉନ,୭।୧୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଯାଜପୁର-କେନ୍ଦୁଝର ରୋଡ୍ ଭାୟା-ଆରଡ଼ି-ଯାଜପୁର ଧାମରା ରେଳପଥ ନିମନ୍ତେ ସର୍ଭେ କାର୍ଯ୍ୟ ଶେଷ ହେବା ପରେ ଆଉ ଗୋଟିଏ ପାଦ ଆଗକୁଯାଇଛି। ତେଣୁ ଏହି ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର କରିବାକୁ ଦାବି ହୋଇଛି। ଏହି ପ୍ରକଳ୍ପ ନୂଆଦିଲ୍ଲୀସ୍ଥିତ ରେଲ୍‌ୱେ ବୋର୍ଡ ଅଧ୍ୟକ୍ଷଙ୍କ ପାଖରୁ ମଞ୍ଜୁର ହୋଇ ଅର୍ଥ ମଞ୍ଜୁର ପାଇଁ ପଠାଯାଇଥିବା ସୂଚନା ମିଳିଛି। ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା କିଛିଦିନ ତଳେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ସମେତ ଓଡ଼ିଶାର ସମସ୍ତ ଏମ୍‌ପି ଯୋଗଦେଇ ଓଡ଼ିଶାର ରେଳ ପ୍ରକଳ୍ପ ବିକାଶ ଉପରେ ଆଲୋଚନା କରିଥିଲେ। ଆସନ୍ତା ବଜେଟ୍ ଅଧିବେଶନରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ଯାଜପୁର ଏମ୍‌ପି ଆଶା ପ୍ରକାଶ କରିଛନ୍ତି। ଏହି ଖବର ଜଣାଯିବା ପରେ ବିରଜାକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପରିଷଦର ସଭାପତି ତପନ ମହରଣ୍ୟ ଶର୍ମା ସଭାପତିତ୍ୱ କରିଥିଲେ। ସାମ୍ବାଦିକ ଦିଲୀପ ଦାଶ, କାମେଶ୍ୱର ପଣ୍ଡା, ବିଜୟ ମହାରଣା, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶିକ୍ଷାବିତ୍ ଅନିଲ୍ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟ ଆଲୋଚନା କରିବା ସହ ଯାଜପୁରକୁ ରେଳ ସଂଯୋଗ ସମ୍ପର୍କରେ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀଙ୍କୁ ପତ୍ର ପଠାଇବା ସହ ବିଭିନ୍ନ ସଭାସମିତି କରିବାକୁ ନିଷ୍ପତ୍ତି ନେଇଥିଲେ।

ଏହି ପ୍ରକଳ୍ପ ପୁର୍ଣ୍ଣାଙ୍ଗର ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲେ ମଧ ଅଦ୍ୟାବଧି ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର କରାଯାଇ ନାହିଁ। ଏହି ପ୍ରକଳ୍ପର ବ୍ୟୟଅଟକଳ ୨୯ ଶହ କୋଟି ଟଙ୍କା ରହିଥିଲାବେଳେ କେନ୍ଦ୍ର ସରକାର ଶୀଘ୍ର ଏହିପ୍ରକଳ୍ପକୁ ପାରିତ କରିବା ପାଇଁ ଯାଜପୁର ଓ ଭଦ୍ରକ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରୋତ୍ସାହନ ରାଶି ହଡ଼ପ ଅଭିଯୋଗ

ଯାଜପୁର/ସିଂହପୁର ୭।୧୨
(ହର୍ଷବର୍ଦ୍ଧନ ବେହେରା/ଅନଙ୍ଗ ଉଦୟ ବେଉରିଆ)


ଅଭିଯୋଗ କରିଥିବା ହିତାଧିକାରୀମାନେ।

ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ହରିଲୁଟ ଅଭିଯୋଗ ପିଛା ଛାଡୁନି। ଏହି ବ୍ଲକ ଅଧୀନ ଓଲେଇ ଚନ୍ଦନପୁର ପଞ୍ଚାୟତରେ ୨୦୨୩-୨୪ ବର୍ଷରେ ସମ୍ପୂର୍ଣ୍ଣ ହୋଇଥିବା ଆବାସଗୁଡ଼ିକର ହିତାଧିକାରୀଙ୍କ ନିମନ୍ତେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଯୋଗାଇ ଦିଆଯାଇଥିବା ପ୍ରୋତ୍ସାହନ ରାଶି ବାବଦକୁ ୨୨,୫୦୦ ଟଙ୍କା ଲେଖାଏ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏହିମର୍ମରେ ୮ ଜଣ ହିତାଧିକାରୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ହିତାଧିକାରୀ ମିନତି ବେହେରା, ପ୍ରିୟଙ୍କା ମହାଳିକ, ଛବିରାଣୀ ରଣା, ମମତା ବେହେରା, ମାମି ଜେନା, ନମିତା ଜେନା, ଅନୁସୂୟା ଜେନା ଓ ସଞ୍ଜୁଲତା ଜେନାଙ୍କ ଅଭିଯୋଗ ଅନୁସାରେ ଆବାସ ଘର ସମ୍ପୂର୍ଣ୍ଣ କରି ପୁରସ୍କାର ରାଶି ପାଇଛନ୍ତି। କିନ୍ତୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକ ପ୍ରୋତ୍ସାହନ ରାଶି ଏଯାଏ ମିଳିପାରିନାହିଁ। ଏନେଇ ତତ୍କାଳୀନ ଜିଆର୍‌ଏସ୍‌ଙ୍କୁ ସେମାନେ ଭେଟି ଜବକାର୍ଡ ସହ ୫୦୦ ଟଙ୍କା ଲେଖାଏ ଫି ମଧ ଦେଇଥିଲେ। କିନ୍ତୁ ଅନେକ ଦିନ ଅତିକ୍ରାନ୍ତ ହେବା ପରେ ଟଙ୍କା ନ ମିଳିବାରୁ ସେମାନେ ବ୍ଲକ ଅଧିକାରୀଙ୍କୁ ଭେଟିଥିଲେ। ସେଠାରେ ସେମାନେ ଜାଣିବାକୁ ପାଇଲେ ଯେ, ଶ୍ରମିକ ପ୍ରୋତ୍ସାହନ ରାଶି ଅନ୍ୟ ଆକାଉଣ୍ଟରେ ଜମା ହୋଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କୁ ପଚାରିବାରୁ ସେ ନାଲିଆଖି ଦେଖାଇ ବିଦା କରି ଦେଇଥିଲେ। ଏହାପରେ ସେମାନେ ସରପଞ୍ଚଙ୍କ ଦ୍ୱାରସ୍ଥ ହୋଇଥିଲେ। ୩ ଦିନ ମଧ୍ୟରେ ଉପରୋକ୍ତ ସହାୟତା ରାଶି ମିଳିବ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୫ ଦିନ ବିତିଗଲା ପରେ ବି ଟଙ୍କା ମିଳିଲାନି। ଏହାପରେ ଶୁକ୍ରବାର ଜିଆରଏସ୍‌ଙ୍କ ନିର୍ଦ୍ଦେଶରେ ପଞ୍ଚାୟତର

**ଆବାସ ହିତାଧିକାରୀଙ୍କୁ ଠକେଇ**

ଜଣେ କର୍ମଚାରୀ ଅଭିଯୋଗକାରୀ ୮ଜଣଙ୍କୁ ମୋଟ ୨୫ ହଜାର ଟଙ୍କା ରଖ ନ ହେଲେ ନାହିଁ, ଯାହା କରିବାର ଅଛି କର ବୋଲି କହି ଚାଲିଯାଇଥିଲେ ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଲୋକଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ପ୍ରଣୀତ ଆବାସ ଯୋଜନା ଏହି ବ୍ଲକର କେତେଜଣ ଥିଲାବାଲାଙ୍କ ହାତରେ ଟେକି ଦିଆଯାଇଥିବା ପୂର୍ବରୁ ଅଭିଯୋଗ ହୋଇଛି। ବନ୍ୟା ଓ ବାତ୍ୟା ସମୟରେ ଏହି ବ୍ଲକରେ ଶତାଧିକ ଗରିବ ପରିବାର ପଲିଥିନ ତଳେ ଆଶ୍ରିତ ଥିବା ଦେଖିବାକୁ ମିଳିଛି। ଏନେଇ ପୂର୍ବରୁ ବିଭାଗୀୟ ତଦନ୍ତ ହୋଇଥିଲେ ହେଁ ସେତେଟା ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ମାର୍ଶାଘାଇ,୭।୧୨(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ହଜାରୀ ଛକରେ ଏକ ଦ୍ରୁତଗାମୀ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଯାଜପୁର ଜିଲା ରାମଚନ୍ଦ୍ରପୁର ଅଞ୍ଚଳର ପାର୍ଥସାରଥୀ ମହାନ୍ତି (୩୬)। ପାର୍ଥସାରଥୀ କୌଣସି କାମରେ ନିଜ ଗ୍ରାମରୁ ବୁଲେଟ୍‌ରେ ପାରାଦୀପ ଯାଉଥିଲେ । ପୂର୍ବାହ୍ନ ୧୧ଟା ସମୟରେ ହଜାରୀ ଛକ ଠାରେ କେନ୍ଦ୍ରାପଡ଼ା ପଟୁ ଦ୍ରୁତଗତିରେ ଆସୁଥିବା ଏକ କାର ତାଙ୍କୁ ଗାଡ଼ିପଛକୁ ଧକ୍କା ଦେଇଥିଲା । ଫଳରେ ସେ ବୁଲେଟ୍‌ରୁ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ଆମ୍ବୁଲାନ୍ସରେ ନେଇ କେନ୍ଦ୍ରାପଡ଼ା ଡାକ୍ତରଖାନା ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣା ପରେ କାରକୁ ନେଇ ଚାଳକ ଫେରାର ହୋଇଯାଇଛନ୍ତି। ମାର୍ଶାଘାଇ ପୋଲିସ ଘଟଣାର ତଦନ୍ତ କରୁଛି । ପୋଲିସ ସୂଚନା ଅନୁଯାୟୀ ମୃତକଙ୍କ ବଡ଼ ଭାଇ ତଥା ଯାଜପୁର ଜିଲା ରାମଚନ୍ଦ୍ରପୁର ଥାନା ଅସଲପୁର ଗ୍ରାମର ସତ୍ୟ ରଞ୍ଜନ ମହାନ୍ତି ମାର୍ଶାଘାଇ ଥାନାରେ ଏତଲା ଦେଇଛନ୍ତି । ଏକ ମାମଲା(ନଂ.୨୨୪/୨୪) ରୁଜୁ ହୋଇଛି ।

### ଦାୟିତ୍ୱଗ୍ରହଣ କଲେ ସିଡିପିଓ

ରାଜକନିକା,୭।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ନୂତନ ସିଡିପିଓ ଭାବେ ରଞ୍ଜୁରାଣୀ ଦାସ ଯୋଗ ଦେଇଛନ୍ତି। ତାଙ୍କୁ କାର୍ଯ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା । ଏହା ପୂର୍ବରୁ ସେ ମୟୂରଭଞ୍ଜ ଖୁଣ୍ଟା ବ୍ଲକରେ କାର୍ଯ୍ୟରତ ଥିଲେ । ସମସ୍ୟା ବହୁଳ ଏହି କାର୍ଯ୍ୟାଳରେ ଛତୁଆ ପ୍ରସ୍ତୁତିରେ ସୁଧାର। ଅଙ୍ଗନୱାଡି କେନ୍ଦ୍ରର ପରିଚାଳନାରେ ଥିବା ତ୍ରୁଟିରେ ସୁଧାର ଆଣିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।

### ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

ଆଳି,୭।୧୨(ବନମାଳୀ ସେନାପତି)

ବରୁଣାଡିହା ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ନାୟକ(୭୦)ଙ୍କ ଗତ ଶୁକ୍ରବାର ପରଲୋକ ଘଟିଛି। ଘଟଣାଦିନ ସନ୍ଧ୍ୟାରେ ସେ ତାଙ୍କ ଘରୁ ଆଳି ନୂଆବଜାରକୁ କୌଣସି କାମରେ ଯାଉଥିଲେ । ହେଲେ ଆଳି ହାଇସ୍କୁଲ ଫାଟକ ସମ୍ମୁଖରେ ତାଙ୍କ ମୁଣ୍ଡ ବୁଲାଇ ଦେବାକୁ ସାଇକେଲରୁ ପଡିଯାଇଥିଲେ। ନିକଟସ୍ଥ ଦୋକାନୀମାନେ ତାଙ୍କୁ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇବା ପରେ ବହୁ ଲୋକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ କଂଗ୍ରେସ ନେତ୍ରୀ ଡାକ୍ତର ଦେବସ୍ମିତା ଶର୍ମା ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ନରେନ୍ଦ୍ରଙ୍କ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ। ନରେନ୍ଦ୍ର ଦୀର୍ଘ ଦିନ ଧରି ବରୁଣାଡିହା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେବା ପରେ ନିଆଳ ଗାଁରେ ଅବସ୍ଥାନ କରୁଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶେଷ ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ଜନ୍ମସ୍ଥାନ ଲେଙ୍କାଡିହାର ଗ୍ରାମ ଶଶ୍ମାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ଶିବରାମ ନାୟକ ମୁଖାଗ୍ନି ଦେଇଥିଲେ।

# ୭ବର୍ଷ ହେବ ଅଟକିଛି ସିଆଇଆରବି ଗଠନ ପ୍ରସ୍ତାବ

- କେନ୍ଦ୍ର ଓ ରାଜ୍ୟ ମନ୍ତ୍ରଣାଳୟକୁ ଯୁବକ ସଂଘର ଚିଠି
- ରାଜ୍ୟରେ ତଟ ସୁରକ୍ଷା ନେଇ ପ୍ରଶ୍ନବାଚୀ
- ଗହୀରମଥା ଅଞ୍ଚଳରେ ବଢ଼ୁଛି ବେଆଇନ ପ୍ରବେଶ

କେନ୍ଦ୍ରାପଡ଼ା,୭।୧୨(ଜଗନ୍ନାଥ ଧଳ)

ଓଡ଼ିଶାର ଉପକୂଳ ସୁରକ୍ଷା ପାଇଁ ଏକ କୋଷ୍ଟାଲ ଇଣ୍ଡିଆ ରିଜର୍ଭ ବାଟାଲିୟନ (ସିଆଇଆରବି) ଆବଶ୍ୟକ । ଏହି ବାଟାଲିୟନର ମଞ୍ଜୁର ସକାଶେ ରାଜ୍ୟ ସରକାର ୨୦୧୭ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ରାଜ୍ୟ ସରକାରଙ୍କ ତତ୍କାଳୀନ ଅତିରିକ୍ତ ସଚିବ ଅସୀତ କୁମାର ତ୍ରିପାଠୀ ଏଥିରେ ଦର୍ଶାଇଥିଲେ, ବାଟାଲିୟନ ପ୍ରତିଷ୍ଠା ହେଲେ ଉପକୂଳ ସୁରକ୍ଷାରେ ଥିବା ସାମୁଦ୍ରିକ ଥାନାକୁ ସହାୟତା ମିଳିବ । ତେବେ ଏହି ଚିଠି ଲେଖାଯିବାକୁ ୭ ବର୍ଷ ବିତିଛି । ରାଜ୍ୟ ସରକାରଙ୍କ ଏହି ଚିଠି କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ଶୀତଳଭଣ୍ଡାରରେ ପଡିରହିଛି । ଅଦ୍ୟାବଧି ବାଟାଲିୟନ ଗଠନ ନେଇ ସକରାତ୍ମକ ସୂଚନା ମିଳିନାହିଁ । ଏସମ୍ପର୍କରେ ପଟ୍ଟାମୁଣ୍ଡାଇସ୍ଥିତ ଉତ୍କଳମଣି ଯୁବକ ସଂଘ ପକ୍ଷରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମନ୍ତ୍ରଣାଳୟକୁ ଗତ ୨ ତାରିଖରେ ଏକ ସ୍ମାରକ ପତ୍ର ଦିଆଯାଇଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦିଆ ନ ଗଲେ ଉପକୂଳ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି ବୋଲି ଏହି ସ୍ମାରକପତ୍ରରେ ଉଲ୍ଲେଖ ଅଛି ।

ଏ ସଂକ୍ରାନ୍ତରେ ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କୁହନ୍ତି, ରାଜ୍ୟର ୪୮୦ କିମି ସମୁଦ୍ର ତଟ ମଧ୍ୟରୁ କେନ୍ଦ୍ରାପଡ଼ା ଜିଲାରେ ୪୮ କିମି ରହିଛି । ଏହି ସୀମାରେ ତାଳଚୁଆ, ତନ୍ତିଆପାଳ ଓ ଜମ୍ବୁ ସାମୁଦ୍ରିକ ଥାନା ପ୍ରତିଷ୍ଠା ହୋଇଥିଲେ ମଧ୍ୟ କର୍ମଚାରୀ ଓ ଭିତ୍ତିଭୂମୀର ଅଭାବ ରହିଛି । ସାମୁଦ୍ରିକ ପଥର ସୁରକ୍ଷା ପାଇଁ ବୋଟ ନ ଥିବାରୁ ତଟବର୍ତ୍ତୀ ଅଞ୍ଚଳକୁ ବେଆଇନ ପ୍ରବେଶ ବଢ଼ିଛି । ପାକିସ୍ଥାନ ବଙ୍ଗଳାଦେଶ ଯୁଦ୍ଧ ସମୟରେ କେନ୍ଦ୍ରପଡ଼ା ଜିଲାର ଉପାନ୍ତ ଅଞ୍ଚଳରେ ମାତ୍ର ୧୨୩୭ ଜଣ ଶରଣାର୍ଥୀଙ୍କୁ ଥଇଥାନ କରା ଯାଇଥିବା ବେଳେ ଏବେ ଏଠାରେ ୭୬ ହଜାରରୁ ଉର୍ଦ୍ଧ୍ୱ ବଙ୍ଗଭାଷୀ ରହୁଛନ୍ତି । ସେହିପରି ଜାତୀୟଉଦ୍ୟାନ ଭିତରକନିକା ଉପରେ ଏହି ଅନୁପ୍ରବେଶକାରୀଙ୍କ ଆଖି ପଡିଛି। ଓଡ଼ିଶାରେ ସିଆଇଆରବି ମୁତୟନ ହେଲେ ଏହି ସମସ୍ୟାର କିଛିମାତ୍ରାରେ ସମାଧାନ ହୋଇପାରିବ । ବୁଦ୍ଧିଜୀବୀ ସୁଶାନ୍ତ କୁମାର ନାୟକ କହିଛନ୍ତି, ୨୦୦୧ରେ ଭିତରକନିକାସ୍ଥ ବନିପାଳ ଠାରେ ଏକ ନକଲି ବେତାରକେନ୍ଦ୍ର ସ୍ଥାପନ ହୋଇଥିଲା । ସେଠାରୁ ହୁଇଲର ଦ୍ୱୀପର ପ୍ରତିରକ୍ଷା ସମ୍ପର୍କିତ ଗୋପନ ତଥ୍ୟ ପ୍ରେରଣ କରାଯାଉଥିବା ପୋଲିସ ତଦନ୍ତ ସମୟରେ ଜଣାପଡିଥିଲା । ସେହିପରି ୨୦୦୨ରେ ରାଜନଗର ବନବିଭାଗ ଜବତ କରିଥିବା ଟ୍ରଲରର ଲୋକମାନେ ବନରକ୍ଷୀଙ୍କୁ ଗୁଳି ମାରି ହତ୍ୟା କରିଥିଲେ । ୨୦୧୯ ଓ ୨୦୨୩ରେ ମଧ୍ୟ ଗହୀରମଥା ସାମୁଦ୍ରିକ ଅଞ୍ଚଳରେ ବେଆଇନ ମାଛ ଧରାଳୀଙ୍କ ସହିତ ତଟରକ୍ଷୀ ବାହାନୀର ଗୁଳି ବିନିମୟ ହୋଇଥିଲା । ଜିଲା ପୋଲିସର ବିଭିନ୍ନ ତଦନ୍ତ ସମୟରେ ତଟାଞ୍ଚଳ ପ୍ରବେଶ ପଥ ମାଧ୍ୟମରେ ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ, ନକଲି ନୋଟ୍ ଓ ନିଶା କାରବାର ଚାଲିଥିବା ପ୍ରମାଣ ମିଳିଛି । ସିଆଇଆରବି ପ୍ରତିଷ୍ଠା ହେଲେ ଜିଲାକୁ ଅନୁପ୍ରବେଶ ରୋକିବା ସହିତ ଦେଶ ସୁରକ୍ଷିତ ହେବ ବୋଲି ସେ ମତ ଦେଇଛନ୍ତି ।

ସାମାଜିକ କର୍ମୀ ଚିତ୍ତରଞ୍ଜନ ସାହୁ କହିଛନ୍ତି, ବନ ବିଭାଗ ଓ ତଟ ରକ୍ଷା ବାହିନୀର ଚଢ଼ାଉ ସମୟରେ ବାଂଲାଦେଶୀ ବୋଟ ଆସୁଥିବା ବହୁ ସମୟରେ ନଜରକୁ ଆସିଛି । ଏଥିସହିତ ଚଳିତ ବର୍ଷ ନଭେମ୍ବରରୁ ଅଦ୍ୟାବଧି ୬ରୁ ଉର୍ଦ୍ଧ୍ୱ ବୋଟ୍ ଗହୀରମଥାରେ ବେଆଇନ ପ୍ରବେଶ କରିଥିବାରୁ ବନବିଭାଗ ଜବତ କରିଛି । ଅନୁପ୍ରବେଶକାରୀ ଜାତୀୟଉଦ୍ୟାନର ପ୍ରକୃତ ମାନଚିତ୍ର ବଦଳାଇ ଦେଇଛନ୍ତି । ବନ୍ୟଜନ୍ତୁ ଶୀକାର, ନିଶା କାରବାର, ଜଙ୍ଗଲ ଜମି ଜବରଦଖଲ ସହିତ ଚିଙ୍ଗୁଡି ଘେରି ମାଧ୍ୟମରେ ସେମାନେ ବିପୁଳ ଟଙ୍କା ରୋଜଗାର କରୁଛନ୍ତି । ଦେଶର ସୁରକ୍ଷା ସହିତ ଜାତୀୟଉଦ୍ୟାନର ପରିବେଶ ପାଇଁ ସିଆଇଆରବି ଆବଶ୍ୟକ ବୋଲି ସାମାଜିକ କର୍ମୀ ସାହୁ ପ୍ରକାଶ କରିଛନ୍ତି । ତଟାଞ୍ଚଳର ସୁରକ୍ଷା ସମ୍ପର୍କରେ ଏଏସ୍‌ପି ଦେବାଶିଷ ଧଳି କହିଛନ୍ତି, ସିଆଇଆରବିର ଆବଶ୍ୟକତା ଅଛି । ତେବେ ସାମୁଦ୍ରିକ ଥାନା ପ୍ରତିଷ୍ଠା ପରେ ଅନୁପ୍ରବେଶକୁ କିଛିମାତ୍ରାରେ ରୋକାଯାଇ ପାରିଛି । ଥାନାର ଭିତ୍ତିଭୂମୀ ସୁଦୃଢ଼ ପାଇଁ ପ୍ରୟାସ ଜାରି ରହିଥିବା ସେ ପ୍ରକାଶ କରିଛନ୍ତି ।

# ନୂତନ ହିତାଧିକାରୀ ଚିହ୍ନଟ ପାଇଁ ପଞ୍ଚାୟତସ୍ତରୀୟ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

ରାଜକନିକା,୭।୧୨(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ୨୯ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ନୂତନ ହିତାଧିକାରୀ ଚିହ୍ନଟ ପାଇଁ ପଞ୍ଚାୟତସ୍ତରୀୟ କର୍ମଶାଳା ଗତ ସୋମବାରଠାରୁ ଆରମ୍ଭ ହୋଇ ବୁଧବାର ଶେଷ ହୋଇଛି । ସରକାରଙ୍କ ପକ୍ଷରୁ ତଥା ବ୍ଲକ ମାଧ୍ୟମରେ ଏହି କର୍ମଶାଳାରେ ପ୍ରଶିକ୍ଷଣପ୍ରାପ୍ତ ଅଧିକାରୀମାନେ ସମସ୍ତ ୨୯ ପଞ୍ଚାୟତରେ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଗକୁ ହେବାକୁ ଥିବା ସର୍ଭେ ସମ୍ପର୍କରେ ସୂଚନା ଦେଇଥିଲେ । ଚାଳ ଛପର ଘରେ ରହୁଥିବା ହିତାଧିକାରୀମାନେ ନିଜେ କେମିତି ସର୍ଭେ କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ । ଆୱାସ୍ ପ୍ଲସ୍- ୨୦୨୪ ଆପ୍ ମାଧ୍ୟମରେ ନିଜେ ନିଜର ସର୍ଭେ କରିପାରିବେ । ଏହି ଆପ୍ ମାଧ୍ୟମରେ କ୍ଷେତ୍ର କର୍ମଚାରୀମାନେ ମଧ ସର୍ଭେ କରିବେ । ଗ୍ରାମକୁ ଯାଇ ବି ଆବଶ୍ୟକ ସର୍ଭେ କରିବେ । ଏହି ସର୍ଭେରେ ସାମିଲ ହେବାକୁ ହେଲେ ଯେଉଁ ଡକ୍ୟୁମେଣ୍ଟର ଆବଶ୍ୟକତା ଅଛି ସେ ସମ୍ପର୍କରେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ସୂଚନା ଦିଆଯାଇଥିଲା । ଯୋଗ୍ୟ ହିତାଧିକାରୀ ହେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ସମସ୍ତ ନିୟମାବଳୀ ସଂକ୍ରାନ୍ତରେ ଅବଗତ କରାଯାଇଥିଲା । ଏହି କର୍ମଶାଳାରେ ବିଡ଼ିଓ ଦାୟିତ୍ୱରେ ଥିବା କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ବ୍ଲକ ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ ବୁଦ୍ଧପଦ ଦାସ, ଏପିଓ ପୂର୍ଣ୍ୟଶ୍ରୀ ସାହୁ, ବିପିଏମ୍ ବିଏଲସି ଓଏଲଏମ ନିହାର ରଞ୍ଜନ ବିଶାଳ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଏଡିଇଓଙ୍କ ସମେତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟ, ୱାର୍ଡ ସଭ୍ୟାସଭ୍ୟ, ପଞ୍ଚାୟତସ୍ତରୀୟ ଏମ୍‌ବିକେ, ସିଆରପି ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କର୍ମଶାଳାରେ ଉପସ୍ଥିତ ଥିଲେ ।

# ମହୁମାଛି ଆକ୍ରମଣରେ ୫ ଗୁରୁତର



ମହୁମାଛି ଆକ୍ରମଣରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଆହତମାନେ।

ଡେରାବିଶ,୭।୧୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ କୁରୁଜଙ୍ଗା ପଞ୍ଚାୟତ ନୂଆଗାଁ ପ୍ରଧାନ ସାହିରେ ମହୁମାଛି ଆକ୍ରମଣରେ ୫ ଗୁରତର ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଶନିବାର ଅପରାହ୍ନରେ ବିଲରେ ଧାନ କାଟୁଥିବା ସମୟରେ ସେଠାରେ ଥିବା ଏକ ନଡିଆଗଛ ଓ ଅନ୍ୟ ଗଛରେ ବସା ବାନ୍ଧିଥିବା ମହୁମାଛି ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ନୂଆଗାଁ ଗ୍ରାମର ପ୍ରକାଶ ପ୍ରଧାନ, ସୁବ୍ରତ ପ୍ରଧାନ, ଅନୁରାଧା ପ୍ରଧାନ, ଅନୁଶ୍ରୀ ପ୍ରଧାନ, କବିପ୍ରସାଦ ପ୍ରଧାନ ଗୁରୁତର ହୋଇଥିଲେ । ଖବର ପାଇ ସାମାଜିକ କର୍ମୀ ସତ୍ୟରଞ୍ଜନ ସାମଲଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି ।

# ଧର୍ମପରାୟଣ ବୃଦ୍ଧଙ୍କ ପରଲୋକ

ଡେରାବିଶ, ୭।୧୨ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ମନ୍ତ୍ରୀପଡ଼ା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ନରହରି ଦାସ(୮୨)ଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ବୃଦ୍ଧାବସ୍ଥା ଯୋଗୁ ସେ ସପ୍ତାହେ ହେଲା ନିଜ ଘରେ ରହି ଚିକିତ୍ସିତ ହୋଇ ଆସୁଥିଲେ। ନରହରି ଅନାଦି ଧର୍ମର ପ୍ରଚାରକ ଭାବେ ବିଭିନ୍ନ ଗ୍ରାମକୁ ଯାଇ ଭାଗବତ ଓ ଗୀତା ପାଠ କରି ଆସୁଥିଲେ। ସେ ଜଣେ ଅମାୟିକ ସ୍ନେହୀ, ନମ୍ର, ପରୋପକାରୀ, ମିଷ୍ଟଭାଷୀ ଓ ଧର୍ମ ପରାୟଣ ବ୍ୟକ୍ତି ଭାବେ ଅଞ୍ଚଳବାସୀଙ୍କ ନିକଟରେ ଜଣାଶୁଣାଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ନରହରିଙ୍କ ପରଲୋକ ଖବର ପାଇ ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସାମାଜିକ କର୍ମୀ ପ୍ରାଧ୍ୟାପକ ଅଜୟ ରାଉତ, ସ୍ଥାନୀୟ ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ସତ୍ୟରଞ୍ଜନ ସାମଲ ଓ ଚନ୍ଦ୍ରମଣି ମହାନ୍ତି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡପୁଅ ହୃଷୀକେଶ ମୁଖାଗ୍ନି ଦେଇଥିଲେ। ଏହି ଅବସରରେ ନରହରିଙ୍କ ସାନପୁଅ ଖଗେଶ୍ୱର ଦାସ ଓ ଜ୍ୱାଇଁ ସ୍ଥିତପ୍ରଜ୍ଞ ମହାନ୍ତିଙ୍କ ସମେତ ସମସ୍ତ ପରିବାରବର୍ଗ ଉପସ୍ଥିତ ରହିଥିଲେ।

# ବଟ ମହାପୁରୁଷଙ୍କ ସ୍ମରଣ ଉତ୍ସବ ଅନୁଷ୍ଠିତ



ଡେରାବିଶ,୭।୧୨(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲାର ଅନ୍ୟତମ ପ୍ରସିଦ୍ଧ ଧର୍ମପୀଠ ଡେରାବିଶ ବ୍ଲକ ଅଧୀନ ଚାଟରାଚକଡା ପଞ୍ଚାୟତ ଛତାସ୍ଥିତ ବଟ ମହାପୁରୁଷଙ୍କ ପୀଠରେ ମହାପୁରୁଷଙ୍କ ସ୍ମରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଲୋକଙ୍କ ଭକ୍ତି ଓ ବିଶ୍ୱାସର ପ୍ରତୀକ ଏହି ପୀଠରେ ଶନିବାର ପ୍ରାତଃରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା । ପ୍ରାତଃରେ ମହାପୁରୁଷ ଏବଂ ପୀଠ ପରିସରରେ ଥିବା ଶ୍ରୀଜଗନ୍ନାଥ ଓ ମା' ତାରିଣୀଙ୍କ ନିକଟରେ ମଙ୍ଗଳ ଆରତୀ ଶେଷ ହେବା ପରେ ଚତୁର୍ଥ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । ଏଥିସହିତ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀଙ୍କ ନାମ ସଂକୀର୍ତ୍ତନ ପରିବେଶକୁ ଭକ୍ତିମୟ କରିଥିଲା । ଜିଲା ସମେତ ପଡୋଶୀ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲାରୁ ଶତାଧିକ ଶ୍ରଦ୍ଧାଳୁଙ୍କ ଯୋଗଦାନ ଏକ ଆଧାତ୍ମିକ ଭାବଧାରା ଉଦ୍ରେକ କରିଥିଲା । ଏହି କାର୍ଯକ୍ରମରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲଙ୍କ ସମେତ ବିଭିନ୍ନ ଦଳର ନେତୃବୃନ୍ଦ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମଧ୍ୟାହ୍ନରେ ପୀଠ ପରିସରରେ ପ୍ରସାଦ ସେବନ ଏବଂ ମହାପୁରୁଷଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ପରିଚାଳନା କମିଟିର ସଭାପତି ଗୁରୁଚରଣ ଗିରି, ସମ୍ପାଦକ ସତ୍ୟ ରଞ୍ଜନ ମଲିକ, ବିଷ୍ଣୁଚରଣ ମହାନ୍ତି, ବିମଳ ପ୍ରସାଦ ଦାସ, ସୁରେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ କୁମାର ତ୍ରିପାଠୀ ସମେତ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ ।

# ଆବର୍ଜନା କୁଣ୍ଡ ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ

ରାଜକନିକା,୭।୧୨(ସଞ୍ଜୟ କୁମାର ଦାଶ)



ଗତ ସରକାରଙ୍କ ଅମଳରେ କରାଯାଇଥିବା ଆବର୍ଜନା କୁଣ୍ଡ ପ୍ରକଳ୍ପ ନାମରେ ପ୍ରତି ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି । କେବଳ ସେତିକି ନୁହେଁ, ଅନାବଶ୍ୟକ ସ୍ଥାନରେ କରାଯାଇଥିବା ଏହି ପ୍ରକଳ୍ପ କୌଣସି କାମରେ ଆସୁ ନ ଥିବା ଜଣାପଡିଛି । ବରଂ ସେହି ସ୍ଥାନ ଏବେ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ପଞ୍ଚାୟତ ସରପଞ୍ଚ, ପିଇଓ ଓ ବ୍ଲକ ଜେଇମାନଙ୍କ ମଧୁଚନ୍ଦ୍ରିକାରେ ପ୍ରତି ପଞ୍ଚାୟତରେ କରାଯାଇଥିବା ଏହି ଆଳିଆ କୁଣ୍ଡର କେଉଁଠି ଆଜବେଷ୍ଟସ ଉଡି ଗଲାଣି ତ ଆଉ କେଉଁଠି ସେହି ପ୍ରକଳ୍ପ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଗଲାଣି । ଗୋଟେ ବଡ଼ ପ୍ରକଳ୍ପ ପାଇଁ ୧ଲକ୍ଷ ୫୦ ହଜାର ଟଙ୍କା ଓ ଛୋଟ ପ୍ରକଳ୍ପ ପାଇଁ ୪୦ ହଜାର ଟଙ୍କା ବ୍ୟୟ ହୋଇଥିଲା। ଜୈବ ଆବର୍ଜନା ଓ ଅଜୈବ ଆବର୍ଜନାକୁ ପୃଥକ୍ ଭାବେ ରଖିଯାଇ ବ୍ଲକସ୍ତରରେ ଏକ ଡମ୍ପିୟାଡ଼ରେ ଏହାକୁ ପରିବେଶ ଅନୁକୂଳ କରାଯିବାର ଲକ୍ଷ୍ୟ ରଖାଯାଇଥିଲା। ଉକ୍ତ ପ୍ରକଳ୍ପ ନାଁରେ ବ୍ଲକସ୍ତରରେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି ।

# ଡେରାବିଶ ମହୋତ୍ସବ ପାଇଁ ପ୍ରଶାସନିକ ବୈଠକ

ଡେରାବିଶ,୭।୧୨(ବେବର୍ତ୍ତା ଅଜୟ ଦାସ)



ଡେରାବିଶ୍ ମହୋତ୍ସବ ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକ।

ଡେରାବିଶ ସମେତ ସମଗ୍ର ଜିଲାର ପ୍ରାଚୀନ ଐତିହ୍ୟ, ସଂସ୍କୃତି ଓ ବୈଭବକୁ ଉଦ୍‌ଜୀବିତ ରଖିବା ପାଇଁ ଡେରାବିଶ ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି । ଆସନ୍ତା ୨୫ରୁ ୩୧ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବକୁ ଅଧିକ ସରସସୁନ୍ଦର କରିବା ପାଇଁ ଶନିବାର ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ପ୍ରଶାସନ ଓ ଡେରାବିଶ ସାଂସ୍କୃତିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବ ପାଇଁ ଅନୁଷ୍ଠିତ ବୈଠକରେ ମହୋତ୍ସବ କମିଟି ପକ୍ଷରୁ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଅଧ୍ୟକ୍ଷତା କରି ମହୋତ୍ସବରେ ଚଳିତବର୍ଷ ଜିଲାର ଲୋକକଳାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ମତ ରଖିଥିଲେ । ଏଥିସହିତ ଏହି ମହୋତ୍ସବରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତଶିଳ୍ପର ପ୍ରଦର୍ଶନୀକୁ ଅଧିକ ଗୁରୁତ୍ୱ ଦେବା ପାଇଁ ପ୍ରଶାସନିକସ୍ତରରେ ବ୍ୟବସ୍ଥା କରାଯାଉଥିବା ମହାପାତ୍ର କହିଥିଲେ । ମହୋତ୍ସବ ସମୟରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା, ପାନୀୟ ଜଳ ଓ ପରିମଳ ବ୍ୟବସ୍ଥାକୁ ମଧ ଗୁରୁତ୍ୱ ଦିଆଯିବା ଉପରେ ବୈଠକରେ ମତପ୍ରକାଶ ପାଇଥିଲା । ଏଥିସହିତ ବିଭିନ୍ନ ଜିଲାରୁ ଆସୁଥିବା ସାଂସ୍କୃତିକ ଦଳ କିପରି ସେମାନଙ୍କ ନୃତ୍ୟ ପ୍ରଦର୍ଶନ କରିବେ ସେ ନେଇ ବୈଠକରେ ଉପସ୍ଥିତ ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ । ମହୋତ୍ସବକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ପୋଲିସ ବ୍ୟବସ୍ଥା ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଆଲୋଚନା ହୋଇଥିଲା ।

ଉକ୍ତ ବୈଠକରେ ଉପଜିଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ଡେରାବିଶ ତହସିଲଦାର ପ୍ରଜ୍ଞା ପରମିତା ପୃଷ୍ଟି, ଜିଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଜିଲା ପ୍ରକଳ୍ପ ପରିଚାଳକ ଆରତୀ ନାୟକ, ସହକାରୀ ଜିଲା ଅଗ୍ନିଶମ ଅଧିକାରୀ ଅମୃତ ଗୌରବ, ଡେରାବିଶ ସହକାରୀ ଅଗ୍ନିଶମ ଅଧିକାରୀ ବନମାଳୀ ମାଝୀଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ମହୋତ୍ସବ କମିଟି ପକ୍ଷରୁ ସାଂସ୍କୃତିକ ସଙ୍ଗଠନ ସଭାପତି ଡ. ଭକ୍ତକବି ଦାସ, ସମ୍ପାଦକ ଅଧାପକ ଗୁରୁଚରଣ ସେଠୀ, ଉପଦେଷ୍ଟା ତଥା ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ପୂର୍ବତନ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, କମିଟିର କର୍ମକର୍ତ୍ତା ମହେନ୍ଦ୍ର କୁମାର ସିଂ, ସାହାଜାନ ଖାନ, ଶାନ୍ତିସ୍ୱରୂପ ଭୂୟାଁ, ରାମଚନ୍ଦ୍ର ରାଉତ, ତ୍ରିଲୋଚନ ରାଉତ, ବିପିନ ବିହାରୀ ସାହୁ, ସରୋଜ କୁମାର ଦାଶ, ଲକ୍ଷ୍ମୀକାନ୍ତ ଜେନା, ଅଭିମନ୍ୟୁ ରାଉତ, ମରୁତ ସ୍ୱାଇଁ, ଧରଣୀଧର ପ୍ରଧାନ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଗବତ ପାରାୟଣ ଅଧିବାସ, ଚାରାରୋପଣ

କୁଜଙ୍ଗ,୭।୧୨(ମନୋଜ ପ୍ରଧାନ)

ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ପ୍ରତିଷ୍ଠାତା ସ୍ୱର୍ଗତା ସରିତା ଦେବୀଙ୍କ ପ୍ରଥମ ବାର୍ଷିକ ସ୍ମରଣୋତ୍ସବ ଅବସରରେ ଗୁରୁବାର କୁଜଙ୍ଗ ଅନ୍ତର୍ଗତ ତାଳଦଣ୍ଡାଠାରେ ମିଶନ ଦ୍ୱାରା ସ୍ଥାପିତ ଜଗନ୍ନାଥ ମନ୍ଦିର ପରିସରରେ ବ୍ୟାପକ ଚାରାରୋପଣ କରାଯାଇଛି। ଏହି ଅବସରରେ ୧୧ଶହ ଦିବସାତ୍ମକ ଭାଗବତ ପାରାୟଣ ଅଧିବାସ ହୋଇଛି। ଏହା ଆସନ୍ତା ୧୬ରେ ଉଦ୍‌ଯାପିତ ହେବ। ଏନେଇ ସକାଳୁ ମିଶନ ପକ୍ଷରୁ ସାମୂହିକ ତିଳତର୍ପଣ କରାଯିବା ସହ ଦରିଦ୍ର ନାରାୟଣ ସେବା କରାଯାଇଥିଲା। ୧୩ ତାରିଖରେ ପବିତ୍ର ଗୀତା ଜୟନ୍ତୀ ଅବସରରେ ତ୍ରିଦିବସାତ୍ମକ ଗୀତାଯଜ୍ଞ ଅନୁଷ୍ଠିତ ହେବ। ୧୬ରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହେବା ସାଙ୍ଗକୁ ସ୍ମରଣୋତ୍ସବ ସଭା ଓ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ବ୍ରହ୍ମ ଜଗନ୍ନାଥ ମିଶନର ତତ୍ତ୍ୱାବଧାରକ କ୍ୟାପଟେନ୍ ସଞ୍ଜୀବ କୁମାର ମୁଦୁଲି କହିଛନ୍ତି। ଏହି ଅବସରରେ ବ୍ରହ୍ମ ଜଗନ୍ନାଥ ମିଶନ ପକ୍ଷରୁ ବହୁ ନଡ଼ିଆ, ଫୁଲ ଓ ଫଳଚାରା ରୋପଣ କରାଯାଇଥିଲା।

# ଆମ୍ବେଡକରଙ୍କ ମହାପ୍ରୟାଣ ଦିବସ

ପଟ୍ଟାମୁଣ୍ଡାଇ, ୭।୧୨ (କଳ୍ପତରୁ ନାୟକ)

ଆମ୍ବେଡକର ସ୍ମୃତି ସଂସଦ ପକ୍ଷରୁ ସମ୍ବିଧାନ ପ୍ରଣେତା ଡିଭିଆର ଆମ୍ବେଡକରଙ୍କ ୬୯ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ବାରେଣୀ ସେଠୀଙ୍କ ପୌରୋହିତ୍ୟରେ ସ୍ଥାନୀୟ ବାଇପାସଠାରେ ଆୟୋଜିତ ସ୍ମୃତି ସଭାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ କଲେଜ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଦେବବ୍ରତ ପ୍ରଧାନ ମୁଖ୍ୟବକ୍ତା, ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ତପନ କୁମାର ପାତ୍ର,କାଉନସିଲର ମଳୟ ଓଝା, ଓ ସୁବାସ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭା ଆରମ୍ଭରେ ବାଇପାସ ଛକଠାରେ ଥିବା ଆମ୍ବେଡକର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ମୃତି ସଂସଦ ସମ୍ପାଦକ ଗୋପୀବଲ୍ଲଭ ନାୟକ ସ୍ୱାଗତ ଭାଷଣ ସହ ବିବରଣୀ ପାଠ କରିଥିଲେ। ଦଳିତ ନେତା ଦିଲୀପ ମଲିକ, ପ୍ରଭାତ ମଲିକ, ଉତମ ମଲିକ, ମଳୟ ମଲିକ, ଅନିରୁଦ୍ଧ ମଲିକ, ସେକ ଜାକିର ହୁସେନ, ସେକ ମଦାନୀ,ପ୍ରଶାନ୍ତ ସ୍ୱାଇଁ ଓ ରବୀନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ଆମ୍ବେଡକରଙ୍କ ସ୍ମୃତି ଚାରଣ କରିଥିଲେ।

# 'ଦୃଢ଼ ଇଚ୍ଛାଶକ୍ତି, ମନୋବଳ ସମାଜ ଗଠନରେ ସହାୟକ ହୁଏ'



ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ଅତିଥିମାନେ।

କୁଜଙ୍ଗ, ୭।୧୨(ମନୋଜ ପ୍ରଧାନ)

**କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

ଛାତ୍ରୀଛାତ୍ରମାନେ ମାଟି ପିଣ୍ଡୁଳା ହେଲେ ଶିକ୍ଷକ ଶିକ୍ଷୟିତ୍ରୀମାନେ ହେଉଛନ୍ତି ଶିଳ୍ପୀ। ମାଟି ପିଣ୍ଡୁଳାକୁ ସୁନ୍ଦର ମୂର୍ତ୍ତି ଗଢ଼ିବାର କ୍ଷମତା କେବଳ ଜଣେ ଉତ୍ତମ ଶିଳ୍ପୀଙ୍କର ହିଁ ଅଛି। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ନେଇ କାମକଲେ ଭବିଷ୍ୟତରେ ଏକ ବିକଶିତ ଉତ୍ତମ ସମାଜ ଗଠନ ହୋଇପାରିବ ବୋଲି ରାଜ୍ୟ ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

କୁଜଙ୍ଗର ଶତାୟୁ ଶିକ୍ଷାନୁଷ୍ଠାନ ବନବିହାରୀ ଉଚ୍ଚ ବିଦ୍ୟାଳୟର ୧୨୪ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ସେ ଉପରୋକ୍ତ ମନ୍ତବ୍ୟ ଦେବା ସହ ଏହି ବିଦ୍ୟାଳୟର ବିକାଶ ପାଇଁ ସମସ୍ତ ସହଯୋଗ ଯୋଗାଇଦିଆଯିବ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବ୍ଲକ ଶିକ୍ଷା ଅଧିକାରୀ ମନୋଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ପ୍ରଫେସର ଡା. ସନ୍ଦୀପ ସାମଲ, ପିପିଏଲ୍ ସିଏସ୍‌ଆର ମୁଖ୍ୟ ଓମ୍ ପ୍ରକାଶ ସାହୁ ଯୋଗଦେଇଥିବାବେଳେ ଅନ୍ୟତମ ଅତିଥିଭାବେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଉପେନ୍ଦ୍ର ନାଥ ମିଶ୍ର, ପ୍ରବଚିକା କଳ୍ପନା ତ୍ରିପାଠୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରବୀର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ବିଦେଶୀ ମଦ ଜବତ, ଜଣେ ଗିରଫ

ଚିକିଟି,୭।୧୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଗୋଳନ୍ଥରା ଥାନା ଅନ୍ତର୍ଗତ ବଇରୀବାଡ଼ ଗ୍ରାମ ନିକଟରେ ଶନିବାର ସକାଳେ ଚିକିଟି ଅବକାରୀ ବିଭାଗଙ୍କ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣରେ ବିଦେଶୀ ମଦ ଜବତ କରିବା ସହିତ ଜଣକୁ ଗିରଫ କରାଯାଇ ତାଙ୍କଠାରୁ ବିୟର ୮.୨୦୦ ଲିଟର, ରମ୍ ୭.୨୩୦ ଲିଟର ଜବତ ହୋଇଛି। ଗିରଫ ଜଣେ ହେଲେ ପିତାତାଳି ଗ୍ରାମର ଟି. ଦିଲୀପ ରେଡ୍ଡୀ। ଏନେଇ କେସ ନଂ ୧୬୪/୨୪ ରୁଜୁ କରି ଦିଲୀପଙ୍କୁ ପାତ୍ରପୁର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଦୀର୍ଘଦିନ ହେଲା ଚିକିଟି ଅଞ୍ଚଳରେ ନିଶା କାରବାର ବୃଦ୍ଧି ପାଉଛି। ଅବକାରୀ ଏବଂ ପୋଲିସ ବିଭାଗ ଅଧିକାରୀ କିମ୍ବା କର୍ମଚାରୀ ଏହାକୁ ରୋକିବା ଦିଗରେ ପଦକ୍ଷେପ ନେବା ତ ଦୂରର କଥା ଅବକାରୀ କାର୍ଯ୍ୟାଳୟରେ ଅଧାଦିନ ତାଲା ଝୁଲିଥିବା ଦେଖିବାକୁ ମିଳୁଛି।

### ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ବାର୍ଷିକ କ୍ରୀଡ଼ା

ଫୁଲବାଣୀ, ୭।୧୨(ରାକେଶ କୁମାର ରାଉତ)

ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ବାର୍ଷିକ କ୍ରୀଡା ଓ କଳା ସଂସ୍କୃତି ମହୋତ୍ସବ ଶନିବାର ଆରମ୍ଭ ହୋଇଛି। ଏଥିରେ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ସମୀର ନାୟକ ଯୋଗଦେଇ କନ୍ଧମାଳରେ କ୍ରୀଡା କିପରି ଆଗକୁ ବଢ଼ିବ ଏବଂ ପ୍ରତ୍ୟେକ ଛାତ୍ରୀଛାତ୍ରମାନେ ସଫଳତା ପାଇ ରାଜ୍ୟ କ୍ରୀଡ଼ାରେ ଭାଗ ନେଇ ଜିଲା ପାଇଁ ସୁନାମ ଅର୍ଜନ କରବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିଳ୍ପ ତାଲିମ ଅନୁଷ୍ଠାନ ଅଧକ୍ଷ ଇଂ ପ୍ରକାଶ ଚନ୍ଦ୍ର ସୋରେନ ପତାକା ଦେଖାଇ କ୍ରୀଡା ଉଦ୍‌ଘାଟନ କରିଥିଲେ। ସହ ତାଲିମ ପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ମିଶ୍ର ଅତିଥି ପରିଚୟ ଓଡ. ନୃସିଂହାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ୯ରୁ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ କାମ୍ୟବନ୍ଦ ଆନ୍ଦୋଳନ

ଛତ୍ରପୁର,୭।୧୨ (ଦିଲ୍ଲୀପ ସାମଲ)

ଗ୍ରାମପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ୬ଟି କମ୍ୟୁନିଟି ସପୋର୍ଟ ଷ୍ଟାଫ ଯଥା ଏମ୍‌ବିକେ, ସିଆର୍‌ପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ର ଓ ଏଲ୍‌ଏସ୍‌ପିଙ୍କୁ ଦୀର୍ଘ ୮ ମାସ ହେଲା ନିଜର ପାରିଶ୍ରମିକ ମିଳିନାହିଁ। ପଞ୍ଚାୟତର ତୃଣମୂଳ ସ୍ତରରୁ ସରକାରଙ୍କ ଯୋଜନାକୁ ସଫଳ ରୂପାୟନ ଦେବାରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସ୍ୱଳ୍ପ ପାରିଶ୍ରମିକରେ କାର୍ଯ୍ୟ କରୁଥିଲେ ମଧ ୮ ମାସ ସେମାନେ ନିଜ ପାରିଶ୍ରମିକ ବାବଦ ପ୍ରାପ୍ୟ ପାଇନାହାନ୍ତି। ଏନେଇ ସେମାନେ ବାରମ୍ବାର ପ୍ରଶାସନିକ ଏବଂ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଡିସେମ୍ବର ୯ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜିପିଏଲ୍‌ଏଲ୍‌ଏଫ୍ କାର୍ଯ୍ୟ ବନ୍ଦ କରି ସେମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଅତିରିକ୍ତ ଜିଲାପାଳ ଡ. ପ୍ରମୋଦ ପୃଷ୍ଟିଙ୍କୁ ପ୍ରଦାନ କରିଛନ୍ତି।

### ଟିବିମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ

କୋଦଳା,୭।୧୨(ଅମିତ କୁମାର ପଟ୍ଟନାୟକ) କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଟିବିମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ଆଦିତ୍ୟ ସାହୁ, କୋଦଳା ଏନ୍‌ଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ଉପାଧକ୍ଷା ରଞ୍ଜିତା ସେଠୀ, କାଉନ୍‌ସିଲର ମଧୁସୂଦନ ଜେନା, ଗିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଗଣିଆ,୭।୧୨
(ସନ୍ତୋଷ କୁମାର ପ୍ରଧାନ)

ନୟାଗଡ଼ ଜିଲା ଗଣିଆ ବ୍ଲକ ମା'କଳାପାଟ ପୀଠରେ ଗତ ୪ଦିନ ଧରି ଚାଲିଥିବା ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ଓଡ଼ଣଷଷ୍ଠୀ ତିଥିରେ ପୂର୍ଣାହୁତି ସହ ଉଦ୍‌ଯାପିତ ହୋଇଛି । ଉଦଯାପନୀ ଦିବସରେ ପଞ୍ଚକୁଣ୍ଡୀୟ ମହାଯଜ୍ଞରେ ବେଦଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ଘୃତାହୁତି ପୂର୍ବକ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ବାବା ଶ୍ରୀ ରାମଦାସଙ୍କ ୭୪ତମ ଜନ୍ମ ଉତ୍ସବ ଉପଲକ୍ଷେ ଭୁବନେଶ୍ୱର ଧଉଳିସ୍ଥିତ ଓଁ ସତ୍ୟଶାନ୍ତି ସେବା ଟ୍ରଷ୍ଟ ଦ୍ୱାରା ବିଗତ ୩୨ତମ ବିଶ୍ୱଶାନ୍ତି ମହାଯଜ୍ଞର ଅନ୍ତିମ ଦିବସ ପାଳିତ ହୋଇଯାଇଛି। ମହାଯଜ୍ଞ ସମୟରେ କାଉଟିଏ ଏହି ସ୍ଥାନରେ ଦେଖିବାକୁ ମିଳୁ ନ ଥିବା ବେଳେ ବୁଲା କୁକୁର ମଧ୍ୟ ଦେଖାଯାଆନ୍ତି ନାହିଁ। କେବେଳ ଏକ କଳା ଓ କସରା କୁକୁର ଏହି ମହାଯଜ୍ଞ ସମୟରେ ବୁଲୁଥିବା ଦେଖିବାକୁ




ବିଶ୍ୱଶାନ୍ତି ମହାଯଜ୍ଞର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

### ବେଦମନ୍ତ୍ର ପାଠରେ ଉତ୍ସବମୁଖର ମଣିଭଦ୍ରା

ମିଳିଥାଏ ବୋଲି ଭକ୍ତ ଓ ସ୍ଥାନୀୟ ଲୋକଙ୍କଠାରୁ ଶୁଣିବାକୁ ମିଳିଥାଏ । ଏହି ଅବସରରେ ପ୍ରାତଃରୁ ସୂର୍ଯ୍ୟନାରାୟଣ ପୂଜା, ଦ୍ୱାରପାଳ ପୂଜା, ଗୁରୁ ପୂଜା, ସାଧୁ ପୂଜନ କରାଯିବା ସହ ଭକ୍ତମାନଙ୍କୁ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ବାବା ରାମଦାସଙ୍କ ସ୍ୱଲିଖିତ ମୟୂରଝଲକ ପୁସ୍ତକରୁ ମିଳିଥିବା ସୂଚନା ଅନୁଯାୟୀ, ଆଗାମୀ ଦିନରେ ମଣିଭଦ୍ରା ପର୍ବତ ଶୀଖରେ ନୀଳ କଇଁ ଫୁଟିବ' ଏହି ସ୍ଥାନ ଶ୍ରୀକ୍ଷେତ୍ର ପାଲଟିବ ବୋଲି ଉଲ୍ଲେଖ ରହିଛି । ସେହିପରି ମଣିଭଦ୍ରାଠାରେ ପଞ୍ଚଶଖାଙ୍କ ମିଳନ, ଲକ୍ଷ୍ମୀନୃସିଂହଙ୍କ ମିଳନ ହେବା ସହ ମହାଭାରତର ବାକିଥିବା ଏକ ଓଳି ଯୁଦ୍ଧ ଏହିଠାରେ ସମାପନ ହେବ ବୋଲି ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଜାଇଫୁଲମାଳିକାରେ ଉଲ୍ଲେଖ ରହିଛି' ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଆୟୋଜକ କମିଟିର ସଭାପତି ଅଜୟ ପଟ୍ଟନାୟକ, ପାର୍ଥ ସାରଥୀ ମହାନ୍ତି, ଚଗଲି ବାବୁ, ମଣ୍ଟୁ ବାବୁ, ଧିରେନ୍ଦ୍ର ପାଣିଗ୍ରାହୀ, ଦେବ ସାମନ୍ତରା, ନିର୍ମଳ ପଟ୍ଟନାୟକ, ବାବଙ୍କ ପଟ୍ଟଶିଷ୍ୟ ଲଳିତ ନାରାୟଣ ଓ ଶୋଭନ ମହାକୁଡଙ୍କ ସମେତ ବହୁ ଶ୍ରଦ୍ଧାଳୁ ଆହୁତି ଅର୍ପଣ କରିଥିଲେ।

# ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

ଖଣ୍ଡପଡ଼ା,୭।୧୨
(ଅଜୟ କୁମାର ମହାରଣା)

### ୭ଜଣ ଶିକ୍ଷକଙ୍କ ବେତନ ବନ୍ଦ, ୬ଜଣଙ୍କୁ କାରଣ ଦର୍ଶାଅ ନୋଟିସ

ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର ଶନିବାର ସକାଳେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସମୟରେ କେତେଜଣ ଶିକ୍ଷକ ବିଳମ୍ବରେ ବିଦ୍ୟାଳୟକୁ ଆସିଥିଲେ । କ୍ରମାଗତ ଭାବେ ଅବହେଳା ପ୍ରଦର୍ଶନ କରି ଆସୁଥିବା ନେଇ ତାଙ୍କ ନଜରକୁ ଆସିଥିଲା । ଶନିବାର ସକାଳ ୬.୩୦ରୁ ୧୧ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରହିବା ନେଇ ସରକାରୀ ନିୟମ ଥିଲେ ହେଁ କେତେକ ଶିକ୍ଷୟିତ୍ରୀ ଶିକ୍ଷକ ସକାଳ ୭ଟା ପରେ ମଧ୍ୟ ବିଦ୍ୟାଳୟକୁ ଆସି ନ ଥିବା ନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଅବଗତ ହେବା ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଭେଟି ଶିକ୍ଷୟିତ୍ରୀ,ଶିକ୍ଷକମାନଙ୍କ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଥିଲେ । ଖଣ୍ଡପଡା ବ୍ଲକ ଅଧୀନ ରାଣୀପଡା ୟୁଜିଏମଇ ବିଦ୍ୟାଳୟର ୫ଜଣ ଶିକ୍ଷକ, ଗୁଣ୍ଠୁଣୀ ପଞ୍ଚାୟତ ଅଧୀନ ରଘୁନାଥପୁର(ଖ) ପ୍ରାଥମିକ ବିଦ୍ୟାଳୟ, ରାଣୀଛେଲୀ ପ୍ରାଥମିକ ବିଦ୍ୟାଳୟର ଜଣେ ଜଣେ ଶିକ୍ଷକ ଏହିପରି ୭ଜଣ ଶିକ୍ଷକଙ୍କ ଗୋଟିଏ ଦିନର ବେତନ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବନ୍ଦ କରାଯାଇଛି। ସେହିପରି ଶାଳଝରିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ରାଣୀଛେଲ୍ଲୀ ପଞ୍ଚାୟତର ନଟବରପ୍ରସାଦ ପ୍ରାଥମିକ ବିଦ୍ୟାଳୟ, ବୋଦସା ୟୁଜିଏମଇ ବିଦ୍ୟାଳୟ, ମର୍ଦ୍ଦରାଜପୁର ପଞ୍ଚାୟତର ହରିଚନ୍ଦନପୁର ପ୍ରାଥମିକ ବିଦ୍ୟାଳୟ, କଳପଙ୍ଗୀ ୟୁଜିଏମଇ ବିଦ୍ୟାଳୟର ୬ଜଣ ଶିକ୍ଷକଙ୍କୁ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ ନେଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଚାନକ ଚଢାଉ ସହ କାର୍ଯ୍ୟାନୁଷ୍ଠାନ ପରେ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ମନରେ ଛନକା ପଶିଛି।

### ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ କାର୍ଯ୍ୟକ୍ରମ

# ଗାନ୍ଧୀଙ୍କ ଗୋବରା ପଦାର୍ପଣ ଦିବସ ପାଳିତ

ବେଲଗୁଣ୍ଠା,୭।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ 'ଗୋବରା ପଦାର୍ପଣ' ଦିବସ ଗୋବରାସ୍ଥିତ ବିଶ୍ୱଭାରତୀ ଆବାସିକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଚଳିତବର୍ଷ ମହାତ୍ମା ଗାନ୍ଧୀଙ୍କ ୯୮ତମ ଗୋବରା ପଦାର୍ପଣ ଦିବସ କାର୍ଯ୍ୟକ୍ରମକୁ ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ତଥା ଘୁମୁସର ବିକାଶ ପରିଷଦ ସଭାପତି ସୋମନାଥ ନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦିବସକୁ ପ୍ରତିବର୍ଷ ଗୋବରାରେ ପାଳନ କରାଯାଉଥିବାରୁ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶଂସା କରିଥିଲେ। ଶିକ୍ଷାବିତ୍ ସରୋଜକାନ୍ତ ରଥ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଉପେନ୍ଦ୍ର ଭଞ୍ଜ ସାହିତ୍ୟ ପରିଷଦ ସଭାପତି ଗୋପାଳ ଚନ୍ଦ୍ର ଲେଙ୍କା ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ ଲିଙ୍ଗରାଜ ଜେନା, ଲେଖିକା ବନ୍ଦନା ମହାପାତ୍ର, ପ୍ରମିଳା ପାଣି, ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ମିଶ୍ର, ସାମାଜିକ କର୍ମୀ ଶୂଳପାଣି ଶତପଥୀ, ଗୌରୀ



କାର୍ଯ୍ୟକ୍ରମରେ ଅତିଥିମାନେ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅତିଥିମାନେ ଗୋବରା ମୁଖ୍ୟ ରାସ୍ତାରେ ଥିବା 'ଗୋବରା ଗାନ୍ଧୀ' ବାଞ୍ଛାନିଧି ପଟ୍ଟନାୟକ ଏବଂ 'ଜାତିର ପିତା' ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଲେଖକ ଗୋପାଳ ଚନ୍ଦ୍ର ଲେଙ୍କାଙ୍କ ଗୋବରାରେ ଗାନ୍ଧିଜୀ ପୁସ୍ତକ ଏବଂ ଗାଳ୍ପିକ ତଥା ଔପନ୍ୟାସିକ ସୋମନାଥ ପଣ୍ଡାଙ୍କ ପୁସ୍ତକ ଝରଣା ମୁଖ୍ୟଅତିଥି ଡା.ପଣ୍ଡା ଉନ୍ମୋଚନ କରିଥିଲେ। ପୂର୍ବରୁ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗଞ୍ଜାମ ଜିଲାର ଦୁଇ ଶିକ୍ଷାବିତ୍ ତଥା ସୁଲେଖକ ଲିଙ୍ଗରାଜ ଜେନା ଏବଂ ସରୋଜକାନ୍ତ ରଥଙ୍କୁ ସମ୍ମାନ ପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ମହେଶ୍ୱର ରାଉତ ଓ ଛାତ୍ରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସାଧାରଣ ସମ୍ପାଦକ ଦିବ୍ୟଲୋଚନ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପଣ୍ଡିତ ସୁରେନ୍ଦ୍ର ପାତ୍ର ବେଦପାଠ କରିଥିଲେ। ସୁଧାରାଣୀ ଶତପଥୀ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିଲେ।

### ୧୬ ଖଣ୍ଡ ଶାଗୁଆନ ପଟା ଜବତ

ଦଶପଲ୍ଲା,୭।୧୨(ପ୍ରକାଶ କୁମାର ପାଣି)

ଶନିବାର ଦଶପଲ୍ଲା ବ୍ଲକର ଦୁର୍ଗା ପ୍ରସାଦ ନିକଟସ୍ଥ ଏକ ପରିତ୍ୟକ୍ତ ଗୃହରୁ ବନ ବିଭାଗ ତରଫରୁ ଚଢାଉ କରାଯାଇ ୧୬ ଖଣ୍ଡ ଶାଗୁଆନ ପଟା ଜବତ କରାଯାଇଛି । ଉକ୍ତ ଘରେ ଶାଗୁଆନ ପଟା ଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାକେରା ଫରେଷ୍ଟର ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ବନ କର୍ମଚାରୀମାନେ ଚଢାଉ କରିଥିଲେ । ଜବତ ପଟାର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କା ହେବ । ନିକଟସ୍ଥ ଜଙ୍ଗଲରୁ ଗଛ କଟାଯାଇ ବାହାରକୁ ଚାଲାଣ କରାଯିବା ପାଇଁ ପଟା ରଖାଯାଇଥିଲା।

### ଔଷଧୀୟ ମଶାରି ବଣ୍ଟନ ପାଇଁ ବୈଠକ

ଦାରିଙ୍ଗବାଡ଼ି, ୭।୧୨ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁଜନିତ ଜ୍ୱରକୁ ମୂଳୋତ୍ପାଟନ କରିବାକୁ ଯୋଜନା କରାଯାଇଛି। ଏଥିପାଇଁ ଜନ ସଚେତନ କରାଯିବା ସହ ଲୋକଙ୍କୁ ଔଷଧୀୟ ମଶାରି ବ୍ୟବହାର ପାଇଁ ଅଧିକା ଗୁରୁତ୍ୱ ଦିଆଯିବା ସହ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇଦିଆଯିବ ବୋଲି ଶନିବାର ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜାକେଶ ସାମନ୍ତରାୟଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ଲକ ଅଞ୍ଚଳରେ ୨୫ ପଞ୍ଚାୟତରେ ଚଳିତ ମାସରେ ୭୦ହଜାର ମଶାରି ବଣ୍ଟନ ପାଇଁ ଯୋଜନା କରାଯାଇଛି। ଆସନ୍ତା ୧୦ରୁ ଗ୍ରୀନବାଡ଼ି ସବ୍‌ସେଣ୍ଟରରୁ ଏହି ଔଷଧୀୟ ମଶାରି ମାଗଣା ବଣ୍ଟନର ଶୁଭାରମ୍ଭ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ବୈଠକରେ ବ୍ଲକ ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ପ୍ରୀତିରଞ୍ଜନ ରଥ, ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା,ଆଇଆଇଆସି ଅଶୋକ କୁମାର ହାଁସଦା, ଏବିଇଓ ବନମାଳୀ ମାଝୀ ପ୍ରମୁଖ ଯୋଗଦେଇଥିଲେ।

# ଜାତୀୟ ବଧିର କ୍ରିକେଟରେ ଓଡ଼ିଶା ବିଜୟୀ

ଖଣ୍ଡପଡ଼ା,୭।୧୨
(ଅଜୟ କୁମାର ମହାରଣା)




ଆନ୍ଧ୍ରପ୍ରଦେଶ ଅନନ୍ତପୁରଠାରେ ଶେଷ ହୋଇଥିବା ଦ୍ୱିତୀୟ ଆଇ ଡିସିଏ ୧୯ ବର୍ଷରୁ କମ ବୟସ ଜାତୀୟ ବଧିର କ୍ରିକେଟ ପ୍ରତିଯୋଗୀତାରେ ଓଡିଶା ଦଳ ଗୁରୁବାର ବିଜୟୀ ହୋଇଛି । ଏହି ପ୍ରତିଯୋଗୀତାରେ ୧୫ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ଓଡିଶା ୪୨ ରନରେ ହରିୟାଣା ଦଳକୁ ପରାସ୍ତ କରି ଟ୍ରଫି ହାସଲ କରିଥିଲ । ଏହି ଦଳରେ ନୟାଗଡ଼ ଜିଲା ଗଣିଆ ବ୍ଲକ ଅଧୀନ ପତଣ୍ଡା ଗ୍ରାମର ଜ୍ଞାନ ରଞ୍ଜନ ପଣ୍ଡା ଯୋଗଦେଇଥିବା ବେଳେ ରାଜେଶ ସାହୁ ଶ୍ରେଷ୍ଠ ଖେଳାଳୀ ଭାବେ ବିବେଚିତ ହୋଇଥିଲେ । ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ସହଯୋଗ କ୍ରମେ ଓଡିଶାରୁ ରଂଜନ ସାହୁ(ଅଧିନାୟକ), ଜିତେନ ନାୟକ(ଉପ ଅଧିନାୟକ). ଅଂଶୁମାନ ସାହୁ ଓ ସ୍ମୃତି ରଞ୍ଜନ ମହାରଣା(ଉଇକେଟ ରକ୍ଷକ), ପୂର୍ଣ୍ଣ ବେହେରା, ସ୍ମୃତି ରଞ୍ଜନ ବାରିକ, ରୁଦ୍ରପ୍ରସାଦ ବେହେରା, ଆଦିତ୍ୟ ନାରାୟଣ ବରାଡ ଓ ସନାଥ ସେଟ୍ଠି, ରାଜେଶ ସାହୁ, ନିରେଶ ବେହେରା ପ୍ରମୁଖ ଓଡିଶା ଜାତୀୟ ବଧିର କ୍ରିକେଟ ସଂଘ ସମ୍ପାଦକ ତଥା ପ୍ରଶିକ୍ଷକ ସାଗରକାନ୍ତ ସେନାପତି ଓ ପ୍ରବନ୍ଧକ ଶଶୀ ଭୂଷଣ ମହାନ୍ତି ଏହାର ନେତୃତ୍ୱ ନେଇଥିଲେ।

# ବିଦ୍ୟାଳୟ ଭିତ୍ତିଭୂମି ବିକାଶ ସମ୍ପର୍କିତ ସମୀକ୍ଷା

ଦିଗପହଣ୍ଡି,୭।୧୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅଧିନ ସମସ୍ତ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ବିକାଶ ସମ୍ପର୍କିତ ସମୀକ୍ଷା ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ବିଡ଼ିଓ ଡ଼.ଚିତ୍ତରଞ୍ଜନ ଦାସ ଅଧକ୍ଷତା କରିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୋରେଶ ସେଠୀ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ବାଲା ମାଝୀ, ଏବିଇଓ ବିଶ୍ରବା ପାଇକ ବିଭିନ୍ନ ବିଦ୍ୟାଳୟର ସ୍ଥିତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ରାଜୀବ ପ୍ରଧାନ, ବମୋକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶୁଭେନ୍ଦୁ କୁମାର ଦାସ, ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନଙ୍କ ସମେତ ବ୍ଲକ ଅଧିନ ୧୬ଟି କ୍ଲଷ୍ଟରର ସମସ୍ତ ସିଆରସିସି ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା ଏବଂ ସଭ୍ୟମାନେ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ବୁଗୁଡା,୭।୧୨(କାଳିଚରଣ ଦାଶ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୭ତମ ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କ୍ରୀଡ଼ା ମଶାଲକୁ ପ୍ରତିଯୋଗୀମାନେ ବଳଦେବ ମନ୍ଦିରରୁ ଆଣି କ୍ରୀଡ଼ା ସ୍ଥଳରେ ପହଞ୍ଚିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବି.ଗୋପାଳ ପାତ୍ର ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଭାପତି ଓ ସମ୍ପାଦକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପରେ ଶିଶୁ ବାଟିକା,



ଦୌଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

କନିଷ୍ଠ ବର୍ଗ, ବାଲ ବର୍ଗ ଓ କିଶୋର ବର୍ଗର ପ୍ରତିଯୋଗୀଙ୍କ ମଧ୍ୟରେ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଗୁଳା ଫିଙ୍ଗା, ଥାଳିଆ ଫିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନାଚାର୍ଯ୍ୟ ଆଟଲ ଲିଙ୍ଗରାଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାଗୁଡ଼ିକୁ କ୍ରୀଡ଼ା ପ୍ରମୁଖ ଗୁରୁଜୀ ଲଡ୍ଡୁ କିଶୋର ନାୟକ ପରିଚାଳନା କରିଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

# ନବନିଯୁକ୍ତ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଗଞ୍ଜାମ, ୭।୧୨(ବିଦ୍ୟାଧର ସାହୁ)

ଗଞ୍ଜାମ ସହରର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧଖଣ୍ଡ ସାହିଠାରେ ମିଳିତ ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ନବନିଯୁକ୍ତ କନିଷ୍ଠ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ସୁଚିତ୍ରା ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ସହ ଶିକ୍ଷାଧିକାରୀ ସଂଯୁକ୍ତା ବେହେରା, ସହ ଶିକ୍ଷାଧିକାରୀ ବିନୀତା କୁମାରୀ ମିଶ୍ର, ମୁଖ୍ୟବକ୍ତା ଭାବେ ସହ ଶିକ୍ଷାଧିକାରୀ ତଥା




ବିଆରସିସି ବିଜୟ ଚନ୍ଦ୍ର ବେହେରା, ନିମନ୍ତ୍ରିତ ଅତିଥି ଭାବେ ପିଷ୍ଟା ସଂଘର ସଭାପତି ଗଜେନ୍ଦ୍ର ମାଝୀ, ଶିକ୍ଷକ ପ୍ରଶାନ୍ତ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ଶିକ୍ଷକ ସମାଜର ରାଷ୍ଟ୍ର ନିର୍ମାତା ବୋଲି ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା। ଏହାପରେ ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ନବ ନିଯୁକ୍ତ କନିଷ୍ଠ ଶିକ୍ଷକ ୪୪ଜଣ ଓ ୬ ଜଣ ସିଆର୍‌ସିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

# କୂଅରୁ ମହିଳାଙ୍କ ମୃତଦେହ ଜବତ

ବେଲଗୁଣ୍ଠା,୭।୧୨(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ କାଳପଙ୍କାଳ ଗ୍ରାମରେ ଏକ କୂଅ ଭିତରୁ ଜଣେ ବିବାହିତା ମହିଳାଙ୍କ ମୃତଦେହ ଜବତ କରାଯାଇଛି। ମୃତ ମହିଳାଙ୍କ ନାମ ନନ୍ଦିନୀ ସ୍ୱାଇଁ ଓ ତାଙ୍କ ବାପଘର ବୁଗୁଡ଼ା ଥାନା ଅନ୍ତର୍ଗତ ପଙ୍କଳବାଡ଼ି ହୋଇଥିବା ବେଳେ ସେ ଚାରିବର୍ଷ ତଳେ କାଳପଙ୍କାଳ ଗ୍ରାମର ଅକ୍ଷୟ ସ୍ୱାଇଁଙ୍କୁ ବିବାହ କରିଥିଲେ। ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଓ ମୃତ୍ୟୁର କାରଣ ଜଣାପଡ଼ି ନାହିଁ।

### ଖବର ପ୍ରକାଶ ପରେ ପ୍ରଶାସନ ତତ୍ପର

# 'ସବୁ ସମସ୍ୟା ଦୂର ପାଇଁ ଶୀଘ୍ର କାମ ଆରମ୍ଭ ହେବ'

ଖଜୁରୀପଡ଼ା, ୭।୧୨ ( ବିଦୁର ବେହେରା)

**ଧରିତ୍ରୀ ପ୍ରଭାବ**

ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ପିରିକୁଡ଼ି ଗ୍ରାମ ପଞ୍ଚାୟତ ଅଧିନସ୍ତ ପାକାଡ଼ାମ୍ବା ଗାଁ। ଏହି ଗାଁରେ ଅନେକ ସମସ୍ୟା ରହିଛି। ଗାଁକୁ ରାସ୍ତା ନାହିଁ । କାହାର ଦେହ ଖରାପ ହେଲେ ଡାକ୍ତରଖାନାକୁ ଖଟିଆରେ ବୁହା ହୁଅନ୍ତି। ୧୯୫୪ରେ ସ୍ଥାପିତ ସରକାରୀ ପ୍ରାଥମିକ ବିଦ୍ୟାଳୟରହିଛି ଅଥଚ ବିଦ୍ୟାଳୟକୁ ରାସ୍ତା ନାହିଁ । ଅଙ୍ଗନୱାଡି କେନ୍ଦ୍ର ନାହିଁ। ଧର୍ମ ମଣ୍ଡପ ଅଛି ଗାଁରେ ତାହା ଭଗ୍ନ ଅବସ୍ଥାରେ ପଡିଛି। ପିଇବା ପାଣି ସମସ୍ୟା ମଧ ରହିଛି। ଗ୍ରାମରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର ୨୨ ପରିବାର ବସବାସ କରନ୍ତି। କୋମଳମତି ଶିଶୁ ମାନେ ୩ କି.ମି. ଦୂରରେ ଥିବା ଗୁମୁରିଖୋଲ ଅଙ୍ଗନୱାଡ଼ି ଯିବାକୁ ଇଚ୍ଛା କରୁନାହାନ୍ତି। ଅଭିଭାବକ ମାନେ ମଧ ଘାଟି ପାହାଡ ରାସ୍ତା ଦେଇ ଯିବାକୁ ପିଲାଙ୍କୁ ଛାଡୁନାହାନ୍ତି। ରାସ୍ତା ନିର୍ମାଣ ପାଇଁ ସରକାରଙ୍କୁ ଅନେକ ଥର ଜଣାଇ ସୁଫଳ ମିଳିନି। ଏନେଇ ଗତ ଅଗଷ୍ଟ ମାସ ୧୧ ତାରିଖରେ ଧରିତ୍ରୀରେ ' ସମସ୍ୟା ଘେରରେ ପାକାଡମ୍ବା ଗାଁ' ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପରେ ପ୍ରଶାସନ ଗାଁର ମୌଳିକ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେଇଥିବା ପଞ୍ଚାୟତ ପିଇଓ ମହେଶ ପଟ୍ଟନାୟକ କରିଛନ୍ତି। ସେ କହିଛନ୍ତି, ଗୁମୁରି ଖୋଲଠାରୁ ପକାଡ଼ମ୍ବା ଗାଁ ରାସ୍ତାର ଉନ୍ନତି କରଣ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଶୀଘ୍ର କାମ ଆରମ୍ଭ ହେବ। ସ୍କୁଲକୁ ରାସ୍ତା ସମସ୍ୟା ଥିବାରୁ ୧ ଲକ୍ଷ ୫୦ ହଜାର ଟଙ୍କାରେ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ସେହି କାମ ମଧ କିଛି ଦିନ ଭିତରେ ଆରମ୍ଭ ହେବ। ପାନୀୟ ଜଳ ସମସ୍ୟା ଦୂରୀକରଣ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ମଧରେ ପିଇବା ପାଣି ଯୋଗାଇ ଦେବାକୁ ଯୋଜନା କରାଯାଇଛି । ଗାଁର ଧର୍ମ ମଣ୍ଡପ ନିର୍ମାଣ ପାଇଁ ପ୍ରସ୍ତାବ ପଠାଯାଇଛି। ଅର୍ଥ ମଞ୍ଜୁର ହୋଇ ଆସିଲେ କାମ ଆରମ୍ଭ ହେବ ବୋଲି ପିଇଓ ପଟ୍ଟନାୟକ କହିଛନ୍ତି।

# ଗୋଳିଆ ପାଣିରେ ପିଲାଙ୍କ ମଧ୍ୟାହ୍ନଭୋଜନ

ମୋହନା,୭।୧୨(ମନ୍ମଥ ମିଶ୍ର)

ଗୋଳିଆ ପାଣିରେ ରନ୍ଧାଯାଉଛି ପିଲାଙ୍କ ମଧ୍ୟାହ୍ନ ଭୋଜନ। ଅଭିଯୋଗ ପରେ ମଧ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଗଜପତି ଜିଲା ମୋହନା ସହରସ୍ଥିତ କଣ୍ଟେଇକୋଳି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ପାନୀୟ ଜଳ ପାଇଁ ଗୋଟିଏ ନଳକୂପ ଖନନ କରାଯାଇଛି।




ହେଲେ ସେହି ନଳକୂପରୁ ରଙ୍ଗ ପାଣି ବାହାରିବା ସହ ଲୁହା ଜଙ୍ଗ ବାହାରୁଛି। ସେହି ରଙ୍ଗ ଓ ଲୁହା ଜଙ୍ଗପୂର୍ଣ୍ଣ ଗୋଳିଆ ପାଣିରେ ମଧ୍ୟାହ୍ନ ଭୋଜନ ରୋଷେଇ କରି ଛାତ୍ରୀଛାତ୍ରମାନଙ୍କୁ ପରଶା ଯାଉଛି। ଏହି ସମସ୍ୟା ନେଇ ପ୍ରଧାନ ଶିକ୍ଷୟିତ୍ରୀ ଲଳିତା ନାୟକ ମୋହନା ବିଡ଼ିଓଙ୍କୁ ପୂର୍ବରୁ ଲିଖିତ ଅଭିଯୋଗ କରିଥିଲେ ମଧ କୌଣସି ସମାଧାନ ହୋଇନାହିଁ। ଫଳରେ ବାଧ୍ୟ ହୋଇ ସେହି ରଙ୍ଗପାଣିରେ ରୋଷେଇ କରି ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ଯଦି ଏଭଳି ଭାବେ ଉକ୍ତ ପାଣିରେ ରୋଷେଇ କରି ପିଲାଙ୍କୁ ଖାଇବାକୁ ଦିଆଯାଏ ତେବେ ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇବ ବୋଲି ମତ ପ୍ରକାଶ ପାଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

# ଦେଶର ମୁଖ୍ୟ ଅର୍ଥନୀତି, ନିଯୁକ୍ତି ସୁଯୋଗ କେବଳ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ହେବ


ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଅନ୍ୟ ଅତିଥିମାନେ।

**ପାରାଦୀପ,୭।୧୨(ଶରତ ରାଉତ):**

**ଭାରତୀୟ ଶିଳ୍ପ ମହାସଂଘର ରାଜ୍ୟସ୍ତରୀୟ ସେମିନାର**

ଦେଶର ମୁଖ୍ୟ ଅର୍ଥନୀତି ଓ ନିଯୁକ୍ତି ସୁଯୋଗ କେବଳ ଏମ୍‌ଏସ୍‌ଏମଇ କ୍ଷେତ୍ରରେ ହୋଇପାରିବ। ପୂର୍ବ ସରକାର ଏହାକୁ ସ୍ଥାଣୁ କରିଦେଇଥିଲେ। ଏବେ ନୂଆ ସରକାର ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଖସଡ଼ା କରିଛନ୍ତି। ବୃହତ୍ ଶିଳ୍ପ ପାଇଁ ଆବଶ୍ୟକ ଆନୁଷଙ୍ଗିକ ସାମଗ୍ରୀ ଏମ୍‌ଏସ୍‌ଏମଇ ଉଦ୍ୟୋଗଠାରୁ ନେବା ପାଇଁ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି।

ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ଓ ରାଜ୍ୟ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ପକ୍ଷରୁ ଶନିବାର ପାରାଦୀପ ବିଜୁ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ରାଜ୍ୟସ୍ତରୀୟ ସେମିନାରରେ ମନ୍ତ୍ରୀ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟର ୩୧୪ ବ୍ଲକରେ ଲଜିଷ୍ଟିକ ପାର୍କ ଖୋଲିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ବୋଲି କହିଛନ୍ତି। ମୁଖ୍ୟ ବକ୍ତାଭାବେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କହିଥିଲେ, ପୂର୍ବରୁ ଏମ୍‌ଏସ୍‌ଏମଇରେ ଜଣେ ନାମ ପଞ୍ଜୀକରଣ ପରେ ତାହାକୁ ଠିକାସଂସ୍ଥା ଭାବେ ବ୍ୟବହାର କରୁଥିଲେ। ଆମେ ଚାହୁଁଛୁ ସମସ୍ତ ଉଦ୍ୟୋଗୀ ଉତ୍ପାଦନ କରନ୍ତୁ। ଟିକିଏ ରିସ୍କ ନେଲେ ଆମକୁ ଆଉ ଦାଦନ ଖଟିବାକୁ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏଥିପାଇଁ ଆମେ ଶିଳ୍ପ, ଅର୍ଥ, ବିକ୍ରି ଉପରେ ଅଧିକ ଧ୍ୟାନ ଦେଉଛୁ। ଯଥା ଉଦ୍ୟୋଗୀ କିପରି ସହଜରେ ଉଦ୍ୟୋଗ କରିପାରିବ। ତା'ପରେ ବ୍ୟାଙ୍କର୍ସମାନେ କିପରି ତାଙ୍କୁ ସହଜରେ ଋଣ ଦେଇପାରିବେ ଏବଂ ଉତ୍ପାଦନ ପରେ ସାମଗ୍ରୀ ବିକ୍ରି ଉପରେ ଖସଡ଼ା କରୁଛୁ। ପାରାଦୀପ ବନ୍ଦର ଏବେ ଦେଶର ପ୍ରଥମ ସ୍ଥାନରେ ରହିଛି। ସମସ୍ତ ପ୍ରକାର ଭିତ୍ତିଭୂମି ଏଠାରେ ରହିଛି। ତେଣୁ କ୍ଷୁଦ୍ର ଶିଳ୍ପ ବିକାଶ ପାଇଁ ସରକାର ସ୍ୱତନ୍ତ୍ର ଖସଡ଼ା କରୁଛନ୍ତି ବୋଲି କହିଥିଲେ। ସିଆଇଆଇ ଅଧ୍ୟକ୍ଷ ଡା. ପ୍ରଦୀପ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାରାଦୀପର ସମସ୍ତ ବୃହତ୍ ଶିଳ୍ପ ମୁଖ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ଶିଳ୍ପ ସଚିବ ହେମନ୍ତ ଶର୍ମା ବୃହତ ଓ କ୍ଷୁଦ୍ର ଶିଳ୍ପର ସମନ୍ୱୟ ଉପରେ କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଜିଲାପାଳ ଜେ.ସୋନାଲ, ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହାରାନ୍ଧ, ତୈଳ ବିଶୋଧନାଗାର ନିର୍ବାହୀ ନିର୍ଦ୍ଦେଶକ କୌଶିକ ବାସୁ, ପିପିଏଲ୍ ୟୁନିଟ ମୁଖ୍ୟ ପାଲାନୀସ୍ୱାମୀ ଭେଲୁସ୍ୱାମୀ, ଜେଏସଡବ୍ଲ୍ୟୁ ମୁଖ୍ୟ ଗିରୀଶ ନାଏକଙ୍କ ସମେତ ଅନ୍ୟ ଶିଳ୍ପ ପ୍ରତିନିଧି ସେମାନଙ୍କ ବକ୍ତବ୍ୟ ରଖିଥିଲେ।

# ଔଷଧୀୟ ଉଦ୍ୟାନ ଏବେ ଝାଟି ଜଙ୍ଗଲ

**ଧର୍ମଶାଳା,୭।୧୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଷ୍ଟାଡ଼ିୟମ ନିକଟରେ ଥିବା କଳ୍ପତରୁ ଦାସ ଔଷଧୀୟ ଉଦ୍ୟାନ ଏବେ ଝାଟି ଜଙ୍ଗଲରେ ପରିଣତ ହୋଇଛି। ରକ୍ଷଣାବେକ୍ଷଣ ଅଭାବରୁ ଔଷଧୀୟ ଗଛ ଉପରେ ଗଛଲତା ମାଡ଼ିଯାଇଛି। ଫଳରେ ଏହି ଉଦ୍ୟାନର ଆବଶ୍ୟକତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, କୁମାରୀ ପଞ୍ଚାୟତ ଜାମୁବଣିଆ ମୌଜାର ୨ ଏକର ସରକାରୀ ଜମିରେ ପୂର୍ବତନ ବିଧାୟକ ସ୍ୱର୍ଗତ କଳ୍ପତରୁ ଦାସଙ୍କ ନାମରେ ଏକ ଔଷଧୀୟ ଉଦ୍ୟାନ ସୃଷ୍ଟି କରାଯାଇଥିଲା। ପରିବେଶବିତ୍ ଶ୍ରୀନିବାସ ଜେନାଙ୍କ ତତ୍ତ୍ୱାବଧାନରେ ଉକ୍ତ ଉଦ୍ୟାନ ଗଢ଼ି ଉଠିଥିଲା। ସେ ସମୟରେ ଏଠାରେ ବେଲ, ନିମ୍ବ, ଅଁଳା, ହରିଡ଼ା, ବାହାଡ଼ା, ସିଙ୍ଗଡ଼ାହାର, ପାତାଳ ଗରୁଡ଼, ଅଶୋକ, ବଉଳ, ନାଗେଶ୍ୱର, ଚନ୍ଦନ, କୃଷ୍ଣଚୁଡ଼ା, ରକ୍ତ ଚନ୍ଦନ, ଛତାବରି, ଭୂଇଁନିମ୍ବ, ଭୂଇଁ କଖାରୁ, ବାଇଡ଼ଙ୍କ, ଅଶ୍ୱଗନ୍ଧା ଆଦି ଔଷଧୀୟ ଚାରାରୋପଣ କରାଯାଇଥିଲା। ଗଛର ସୁରକ୍ଷା ନିମନ୍ତେ ଏହାର ଚାରିପଟେ ବାଡ଼ାବନ୍ଦି କରାଯାଇଛି। ଏହି ଉଦ୍ୟାନରେ ପାଖାପାଖି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ୨୦୨୦ ଅଗଷ୍ଟ ୧୨ରେ ଯାଜପୁରର ପୂର୍ବତନ ଏମ୍‌ପି ଶର୍ମିଷ୍ଠା ସେଠୀ ଓ ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳନ୍ତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ତତ୍କାଳୀନ ଜିଲାପାଳ ରଞ୍ଜନ କୁମାର ଦାସ, ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଦ୍ୟାନ ଉଦ୍‌ଘାଟନର ୩ ବର୍ଷ ପର୍ଯ୍ୟନ୍ତ ଜେନା ଏହାର ରକ୍ଷଣାବେକ୍ଷଣ କରିଥିଲେ।

ତେବେ ନିର୍ବାଚନ ପରେ ସରକାର ପରିବର୍ତ୍ତନ ହେବା ସହ ସ୍ଥାନୀୟ ବିଧାୟକ ପରିବର୍ତ୍ତନ ପରେ ଏହି ଉଦ୍ୟାନର ଆଉ ଯତ୍ନ ନିଆଯାଉନାହିଁ। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଶାସନ ହାତକୁ ନେବାକୁ ଜେନା ପୂର୍ବତନ ଜିଲାପାଳଙ୍କୁ ଅନୁରୋଧ କରିଥିଲେ। ପ୍ରଶାସନ ଏହାର ଦାୟିତ୍ୱ ନେବ ବୋଲି ଜିଲାପାଳ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଔଷଧୀୟ ଉଦ୍ୟାନ ହୋଇଥିବା ଏହି ଜମିର ମୂଲ୍ୟ ଏବେ ୧୦ କୋଟିରୁ ଅଧିକ ଟଙ୍କା ହେବ। ଗଛ ସବୁ ବଡ଼ ହୋଇଥିଲେ ଏହା ବିଭିନ୍ନ ଆର୍ୟୁବେଦିକ୍ ଔଷଧ ତିଆରିରେ ବ୍ୟବହାର ହୋଇଥାନ୍ତା। ହେଲେ ଉଦ୍ୟାନ ପ୍ରତିଷ୍ଠାକୁ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ନଜର ଦେଉନଥିବା ଅଭିଯୋଗ ହୋଇଛି। ଏହି ଦୁର୍ଲଭ ଔଷଧୀୟ ଉଦ୍ୟାନର ରକ୍ଷଣାବେକ୍ଷଣ ଓ ସୁରକ୍ଷା ଦାୟିତ୍ୱ ପ୍ରଶାସନ ନିଜହାତକୁ ନେବାକୁ ସାଧାରଣରେ ଦାବି ହୋଇଛି।


କଳ୍ପତରୁ ଦାସ ଔଷଧୀୟ ଉଦ୍ୟାନ।







@ ସୌମ୍ୟକାନ୍ତ


@ ସୁଜିତ୍


@ ସୂର୍ଯ୍ୟାଂଶ


@ ରମାକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ଛାତ୍ରୀଛାତ୍ର


ସ୍କୁଲ ଫାଟକ ସମ୍ମୁଖରେ ଧାରଣାରେ ବସିଥିବା ଛାତ୍ରୀଛାତ୍ର।

**ପାଟକୁରା,୭।୧୨(ରବିନ୍ଦ୍ରନାଥ ବାରିକ):**

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନ କୋରୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଓ ଭୂଗୋଳ ତଥା ଏନସିସି ଶିକ୍ଷକ ସୌମେନ୍ଦ୍ର ସେଠୀଙ୍କ ବଦଳି ବାତିଲ ଦାବି କରି ଶନିବାର ବିଦ୍ୟାଳୟର ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ । ଛାତ୍ରୀଛାତ୍ରମାନେ ସକାଳ ୬ଟାରୁ ଧାରଣାରେ ବସିଥିଲେ ସୁଦ୍ଧା ବ୍ଲକ କିମ୍ବା ଜିଲା ପ୍ରଶାସନର କୌଣସି ଅଧିକାରୀ କିମ୍ବା ଶିକ୍ଷା ବିଭାଗର ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା। ଏପରି କି କେତେଜଣ ଛାତ୍ରୀ ଅସୁସ୍ଥ ହୋଇପଡିବା ପରେ କିଛି ସମୟ ପାଇଁ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଶେଷରେ ପ୍ରଧାନ ଶିକ୍ଷକ ବୁଝାଶୁଝା କରିବାପରେ ଛାତ୍ରୀଛାତ୍ରମାନେ ଧାରଣାରୁ ଉଠିଥିଲେ । ଏ ସଂକ୍ରାନ୍ତରେ ବ୍ଲକ ଶିକ୍ଷା ଅଧିକାରୀ ଅଜୟ କୁମାର ସେଠୀ କହିଛନ୍ତି, ଏ ସଂକ୍ରାନ୍ତରେ ମୁଁ କିଛି ଜାଣିନାହିଁ। ବଦଳି ହୋଇଥିବା ଶିକ୍ଷକଙ୍କ ବିରୋଧରେ କିଛି ଅଭିଯୋଗ ଥିଲା । ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଯୁଗ୍ମ ତଦନ୍ତ କରାଯାଇଥିଲା ବୋଲି ସେ ଜାଣିଥିଲେ। ଜିଲା ଶିକ୍ଷା ଅଧିକାରୀ ଏ ବାବଦରେ କହିପାରିବେ ବୋଲି ବ୍ଲକ୍ ଶିକ୍ଷାଧିକାରୀ ସେଠୀ କହିଛନ୍ତି ।

## ଯୁବତୀଙ୍କୁ ଗଣବଳାତ୍କାର ହୋଇଥିବା ଚର୍ଚ୍ଚା

**ପଟ୍ଟାମୁଣ୍ଡାଇ,୭।୧୨( କଳ୍ପତରୁ ନାୟକ):**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଗଣବଳାତ୍କାର କରାଯାଇଥିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ହେଲେ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି। ହେଲେ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ କୁଆଡ଼େ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁଯାୟୀ, ଶୁକ୍ରବାର ଜଣେ ଯୁବତୀଙ୍କୁ ୫ରୁ ୬ଜଣ ଯୁବକ ଗଣ ବଳାତ୍କାର କରିଥିଲେ । ଜଣେ ଯୁବକ ନିଜ ପ୍ରେମିକାଙ୍କୁ ଏକ ନିଛାଟିଆ ପ୍ରଥମେ ଡାକି ନେଇଥିଲେ । ସେଠାରେ ନିଜ ସାଙ୍ଗମାନଙ୍କ ସହ ମିଶି ଗଣ ବଳତ୍କାର କରିଥିଲେ । ଏଥିରେ ଯୁବତୀ ଜଣକ ସଂଜ୍ଞାହୀନ ହୋଇପଡିଥିଲେ । କେତେ ଜଣ ଲୋକ ତାଙ୍କୁ ପଟ୍ଟାମୁଣ୍ଡାଇ ଡାକ୍ତରଖାନା ଆଣିଥିଲେ । ଡାକ୍ତର ତାଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର କରିଥିବା ସ୍ଥାନୀୟ ଦୋକାନ ବଜାରରେ ଆଲୋଚନା ହେଉଛି । ଏହି ଘଟଣା ସମ୍ପର୍କରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟରେ କୌଣସି ତଥ୍ୟ ନ ଥିବା ବେଳେ ପୋଲିସ ନିକଟରେ ଅଭିଯୋଗ ହୋଇନାହିଁ। ଅନ୍ୟପକ୍ଷେ ଏହି ଘଟଣାକୁ ଚାପି ଦେବାକୁ ଏଥିରେ ସମ୍ପୃକ୍ତ ଯୁବକମାନେ ଉଦ୍ୟମ କରୁଥିବା ଆଲୋଚନା ହେଉଛି ।






# ଆଖଡ଼ାଶାଳୀରେ ନଦୀଭିତ୍ତିକ ବନ୍ଦର ଘୋଷଣାରେ ସୀମିତ

- କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ପ୍ରତିଷ୍ଠାକୁ ନେଇ କୁମ୍ଭୀର କାନ୍ଦଣା
- ବ୍ୟୟ ଅଟକଳ ଥିଲା ୨୧୧୦ କୋଟି
- ୧୫ ହଜାର ଯୁବତୀ ଯୁବକଙ୍କୁ ମିଳିଥାଆନ୍ତା ନିଯୁକ୍ତି

**ମହାକାଳପଡ଼ା,୭।୧୨(ପ୍ରତାପ ଚନ୍ଦ୍ର ସ୍ୱାଇଁ):**


ମହାକାଳପଡ଼ା ବ୍ଲକ ମହାନଦୀ ସଂଲଗ୍ନ ଆଖଡାଶାଳୀଠାରେ ପ୍ରସ୍ତାବିତ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ସ୍ଥିରୀକୃତ ହୋଇଥିବା ସ୍ଥାନ।

କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ବିଭିନ୍ନ ରାଜନୈତିକ ଦଳର ନେତା କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଭୋଟ ପୂର୍ବରୁ ସେମାନେ ବହୁ ବଡ଼ କଥା କହିଛନ୍ତି । ଏପରି କି କେନ୍ଦ୍ରାପଡ଼ା ଜିଲା ଶିଳ୍ପ ସାମ୍ରାଜ୍ୟ ହେବ ବୋଲି ଘୋଷଣା କରିଛନ୍ତି । ହେଲେ ନିର୍ବାଚନ ବୈତରଣୀ ପାର ହେବା ପରେ ସୋମାନେ ସବୁ ଭୁଲି ଯାଉଛନ୍ତି। ଅଥଚ ପଡ଼ୋଶୀ ପାରାଦୀପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ ବହୁ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ହୋଇଛି। ଅଥଚ କେନ୍ଦ୍ରାପଡ଼ା ଜିଲାକୁ ଦୀର୍ଘଦିନରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଅଣଦେଖା କରାଯାଉଛି। ଏହାକୁ ନେଇ ବୁଦ୍ଧିଜୀବୀ , ସାମାଜିକ କର୍ମୀ, ଶିକ୍ଷାବିତ୍, ରାଜନୀତିକ ସମୀକ୍ଷକମାନେ ଅଣଦେଖା କରୁଥିବା ଅଭିଯୋଗ ହୋଇଛି ।

ପୂର୍ବ ସରକାର ଅମଳରେ ୨୦୦୯ ସାଧାରଣ ନିର୍ବାଚନ ସମୟରେ ବରୁଣାଇ ମୁହାଣରେ ନଦୀଭିତ୍ତିକ ବନ୍ଦର , ୨୦୧୪ ରେ ଅଳାଇଲୋଠାରେ ପାୱାର ପ୍ଲାଣ୍ଟ , ୨୦୧୯ରେ ଆଖଡ଼ାଶାଳୀରେ ନଦୀଭିତ୍ତିକ ବନ୍ଦର ଓ ୨୦୨୪ରେ ରାମନଗର , ଖରୀନାଶି ଓ ବତୀଘରଠାରେ ବୃହତ୍ ଇସ୍ପାତ୍ ପ୍ରକଳ୍ପ ପ୍ରତିଷ୍ଠା ହେବା ପାଇଁ ଘୋଷଣା କରିଥିଲେ। ଇତିମଧ୍ୟରେ ସରକାର ବଦଳିଛି । ରାଜ୍ୟ ସରକାର ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ କି ପଦକ୍ଷେପ ନେବେ ଲୋକମାନେ ତାକୁ ଦେଖିବା ପାଇଁ ଚାହିଁ ବସିଛନ୍ତି। ଆଶା ଅଛି ଡବଲ ଇଞ୍ଜିନ ସରକାର ମହାକାଳପଡ଼ାଠାରେ ଶିଳ୍ପ ସ୍ୱପ୍ନପୂରଣ କରିବେ । ପାର୍ଲାମେଣ୍ଟରେ କେନ୍ଦ୍ରାପଡଡ଼ାରେ ଶିଳ୍ପ ପ୍ରତିଷ୍ଠା ଦାବି ଜୋରଦାର ହେବା ଆବଶ୍ୟକତା ରହିଛି । ପ୍ରଧାନମନ୍ତ୍ରୀଙ୍କ ଶୁଭ ଦୃଷ୍ଟି ରହିଲେ ଜିଲାରେ ଶିଳ୍ପ ହବ୍ ହେବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି ।

ସୂଚନାଯୋଗ୍ୟ, ସ୍ଥାନୀୟ ଆଖଡ଼ାଶାଳୀରେ ପୂର୍ବ ସରକାର ୨୦୧୮ରେ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ। ହେଲେ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ନଦୀଭିତ୍ତିକ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୨୧୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥାନ୍ତା। ୧୫ ହଜାର ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳିଥାନ୍ତା। ଆଶା ରହିଗଲା ବେକାର ଯୁବତୀ ଯୁବକଙ୍କ ସ୍ୱପ୍ନ ପୂରଣ ହେବ । ହେଲେ ନଦୀଭିତ୍ତିକ ବନ୍ଦର କାଗଜ କଲମରେ ସିମୀତ ରହିଛି। ଏଭଳି ପରିସ୍ଥିତିରେ ଅଞ୍ଚଳବସୀଙ୍କ ସ୍ୱପ୍ନ କେବେ ପୂରଣ ହେବ ବୋଲି ପ୍ରଶ୍ନ ଉଠିଛି । ଏଥିପାଇଁ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ କୁମ୍ଭୀର କାନ୍ଦଣା ଚାଲିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ୨ ଦିନ ପୂର୍ବରୁ ବତୀଘର ପଞ୍ଚାୟତ ଅଫିସରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଜମି ଅଧିଗ୍ରହଣ ନୋଟିସ ଜାରି କରାଯାଇଛି। ହେଲେ ଜିଲାରେ କେବେ ଶିଳ୍ପ ନଗରୀ ପ୍ରତିଷ୍ଠା ହେବ ବୋଲି ବୁଦ୍ଧିଜିବୀ ଲକ୍ଷ୍ମୀକାନ୍ତ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି।




# କଣ୍ଟିଲୋ ହସ୍ତଶିଳ୍ପକୁ ଶିଳ୍ପ ବିଭାଗର ସ୍ୱୀକୃତି ନାହିଁ

**ଖଣ୍ଡପଡ଼ା, ୭।୧୨ (ଅଜୟ କୁମାର ମହାରଣା)**

ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶିକା, ନିର୍ଦ୍ଦେଶକ କଣ୍ଟିଲୋ ଅଞ୍ଚଳକୁ ବିଭିନ୍ନ ସମୟରେ ପରିଦର୍ଶନରେ ଆସିଥାଆନ୍ତି। ସଂପୃକ୍ତ ଅଧିକାରୀମାନେ କଂସା ପିତ୍ତଳ କାରିଗରମାନଙ୍କ ଶାଳ ଓ ସେମାନଙ୍କ କାର୍ଯ୍ୟ ଶୈଳୀ ଦେଖି ଥାଆନ୍ତି। ତମ୍ବା ଓ ପିତ୍ତଳ ଚଦର(ସିଟ୍)ରେ ପ୍ରସ୍ତୁତ ତଥା ଉତ୍ପାଦିତ ଆକର୍ଷଣୀୟ ସୌଖୀନ ସାମଗ୍ରୀ ଦେଖି ପ୍ରଶଂସା କରିଥାଆନ୍ତି। ତେବେ ରାଜ୍ୟ ଶିଳ୍ପ ବିଭାଗର ସ୍ୱୀକୃତି ପାଇ ନ ଥିବା ତଥା ବିଭିନ୍ନ ହସ୍ତଶିଳ୍ପ ତାଲିକାରେ ସେମାନଙ୍କ ହସ୍ତଶିଳ୍ପ କାର୍ଯ୍ୟ ତାଲିକାଭୁକ୍ତ ହୋଇ ନ ଥିବା ପରିତାପର ବିଷୟ। କାରିଗରମାନଙ୍କ ହାତ ତିଆରି ସାମଗ୍ରୀମାନ ରାଜ୍ୟ ତଥା ରାଜ୍ୟ ବାହାରେ ଏପରିକି ଦେଶ ବିଦେଶରେ ଚାହିଦା ରହିଥିବାରୁ ଏହାର ବିକାଶ ଓ ଉନ୍ନତି ଦିଗରେ ପ୍ରୟାସ କରିବାକୁ ବିଭାଗୀୟ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଯାଉଥିଲେ ହେଁ ତାହା କାର୍ଯ୍ୟକାରିତା ହେଉ ନ ଥିବାରୁ କାରିଗରମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି।

କଣ୍ଟିଲୋ ଅଞ୍ଚଳର କେତେକ ହାତ ଗଣତି କାରିଗରମାନଙ୍କ ଦ୍ୱାରା ତମ୍ବା ଓ ପିତ୍ତଳ ଚଦର(ସିଟ୍)ରେ ପ୍ରସ୍ତୁତ ଏବଂ ଉତ୍ପାଦିତ ବିଭିନ୍ନ ସୌଖୀନ ଓ ଆକର୍ଷଣୀୟ ସାମଗ୍ରୀମାନ ରାଜ୍ୟ ତଥା ରାଜ୍ୟ ବାହାରେ ଏପରିକି ଦେଶ ବିଦେଶରେ ଆଦୃତ ଲାଭ କରିଥିବା ବେଳେ ରାଜ୍ୟ ଶିଳ୍ପ ବିଭାଗରେ ସ୍ୱୀକୃତୀ ମିଳି ନ ଥିବାରୁ କାରିଗରମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ବହୁଳ କଂସା ପିତ୍ତଳ କାରିଗର ପରିବାର ଥିବା କଣ୍ଟିଲୋ ରାଜସ୍ୱ ଗ୍ରାମରେ ମାତ୍ର ହାତ ଗଣତି କେତେକ କାରିଗର ଅକ୍ଳାନ୍ତ ପରିଶ୍ରମ କରି ଯେପରି ଭାବେ ସୌଖୀନ ଓ ଆକର୍ଷଣୀୟ ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦନ କରୁଛନ୍ତି ତାହା ସରକାରଙ୍କ ଦୃଷ୍ଟିକୁ ଆସିବାର ଆବଶ୍ୟକତା ରହିଛି ବୋଲି କାରିଗର ଅଖିଳ କୁମାର ମହାପାତ୍ର, ସରୋଜ କୁମାର ମହାରଣା, ମାୟାଧର ସାହୁ, ପ୍ରତାପ କୁମାର ମହାରଣା, ପବିତ୍ର କୁମାର ମହାରଣା, ପ୍ରଦୀପ୍ତ କୁମାର ମହାପାତ୍ର ପ୍ରମୁଖ ଦର୍ଶାଇଛନ୍ତି।

ଅପରପକ୍ଷେ କାରିଗରମାନଙ୍କ ଶାଳଘର, ସ୍ୱାସ୍ଥ୍ୟ ବୀମା ଯୋଜନା ଏବଂ ସଂପୃକ୍ତ କାରିଗର ପରିବାରର ପିଲାମାନଙ୍କ ଶିକ୍ଷାର ବିକାଶ ଉପରେ ଶିଳ୍ପ ବିଭାଗ ଦୃଷ୍ଟି ଦେବାର ଆବଶ୍ୟକତା ମଧ୍ୟ ରହିଛି। କଣ୍ଟିଲୋ ନାରାୟଣୀ ଲୌହତ୍ତର ଧାତୁଶିଳ୍ପ ସମବାୟ ସମିତିର ସମ୍ପାଦକ ଶରତ ଚନ୍ଦ୍ର ମହାରଣା ଓ ନୟାଗଡ଼ ଜିଲା ଶିଳ୍ପୀ ମହାସଂଘର ସଭାପତି ତଥା ବାପୁଜୀ ବାସନ ଶିଳ୍ପ ସହଯୋଗ ସମିତି ଲିଃର ସଭାପତି ଦଣ୍ଡପାଣି ସାହୁ ପ୍ରମୁଖ କଣ୍ଟିଲୋକୁ ଶିଳ୍ପ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ପରିଦର୍ଶନରେ ଆସୁଥିବା ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସମ୍ପୃକ୍ତ କାରିଗରମାନଙ୍କ ଦ୍ୱାରା ତମ୍ବା ଓ ପିତ୍ତଳ ଚଦର(ସିଟ୍)ନିର୍ମିତ ସାମଗ୍ରୀଗୁଡିକ ଦେଖାଇବା ସହ କାରିଗରମାନଙ୍କ ସମସ୍ୟା ସମ୍ପର୍କରେ ଦର୍ଶାଇଥିଲେ। ବାରମ୍ବାର ଦାବି ପରେ ଶିଳ୍ପ ବିଭାଗ ପକ୍ଷରୁ କଣ୍ଟିଲୋଠାରେ ଏକ ରମେଟେରିଆଲ ବ୍ୟାଙ୍କ ପ୍ରତିଷ୍ଠା କରାଯାଇ କିଛି ପରିମାଣରେ ପିତଳ ଓ ତମ୍ବା ସିଟ୍ କାରିଗରମାନଙ୍କୁ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି, ସ୍ଥାନୀୟ ଅଞ୍ଚଳର ଯୁବକମାନଙ୍କ ଦ୍ୱାରା ପିତ୍ତଳ ଓ ତମ୍ବା ଚଦରରେ ନିର୍ମିତ ସାମଗ୍ରୀଗୁଡିକ ହସ୍ତଶିଳ୍ପ ସାମଗ୍ରୀ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ଆଜିଯାଏ ସ୍ୱୀକୃତି ପାଇ ନ ଥିବାରୁ ବିଭିନ୍ନ ସମୟରେ ନିର୍ଦ୍ଦେଶକ ହସ୍ତଶିଳ୍ପ ଓ କୁଟୀରଶିଳ୍ପ, ଓଡିଶା ଓ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ ବିଭିନ୍ନ ଆଲୋଚନାଚକ୍ର ସମୟରେ ସଂପୃକ୍ତ ଦୁଇ ସମବାୟବିତ୍ ଏ ସମ୍ପର୍କରେ ଉଚ୍ଚ ପଦାଧିକାରୀ ତଥା ଉଚ୍ଚ କର୍ତ୍ତୃପକ୍ଷମାନଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି। କାରିଗରମାନେ ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ଘରୋଇ ଅନୁଷ୍ଠାନରୁ ସେମାନଙ୍କ ଚାହିଦା ମୁତାବକ ସୌଖୀନ ଓ ଆକର୍ଷଣୀୟ ସାମଗ୍ରୀମାନ ପ୍ରସ୍ତୁତ କରି ଭଲ ରୋଜଗାର କରି ପରିବାର ପ୍ରତିପୋଷଣ କରିଥାଆନ୍ତି। ବାହାର ରାଜ୍ୟରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ସ୍ଥାନୀୟ ଅଞ୍ଚଳର କାରିଗରମାନଙ୍କ ଦ୍ୱାରା ତମ୍ବା ଓ ପିତ୍ତଳ ଚଦରରେ ନିର୍ମିତ ସାମଗ୍ରୀମାନ ପ୍ରଦର୍ଶିତ ହୋଇ ବିକ୍ରି ହେଉଛି। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗ ପକ୍ଷରୁ ଅନୁଷ୍ଠିତ ହେଉଥିବା ଗୁରୁ-ଶିଷ୍ୟ ପରମ୍ପରା ତାଲିମ କାର୍ଯ୍ୟକ୍ରମରେ ପ୍ରତିବର୍ଷ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ଅନେକ ଯୁବକ କେବଳ ଷ୍ଟାଇପେଣ୍ଟ ଅର୍ଥ ପାଇଁ ସେମାନଙ୍କ ନାମ ତାଲିକା ଭୁକ୍ତ କରାଇ କାଗଜପତ୍ରରେ ତାଲିମ ପାଇଥିବା ଦର୍ଶାଉଛନ୍ତି। ଫଳରେ ସରକାରଙ୍କ ଅର୍ଥ ଶ୍ରାଦ୍ଧ କରାଯାଉଥିବା ବେଳେ ଏହି ତାଲିମ ଦ୍ୱାରା ନୂତନ କାରିଗରର ସୃଷ୍ଟି ହୋଇ ନ ଥାଏ କିମ୍ବା ତାଲିମପ୍ରାପ୍ତ ଯୁବତୀ ଯୁବକ ଗୁରୁ ଶିଷ୍ୟ ପରମ୍ପରାରେ କୌଣସି କାର୍ଯ୍ୟରେ ଆତ୍ମ ନିଯୁକ୍ତ ପାଇବା ସମ୍ଭବ ହୋଇ ନ ଥାଏ। ତେବେ ଏହି ନୂତନ ପଦ୍ଧତିରେ ନିର୍ମିତ ସାମଗ୍ରୀ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବାର ଆବଶ୍ୟକତା ଥିବା ବେଳେ ଏହି କାର୍ଯ୍ୟକ୍ରମରେ ନୂତନ ଯୁବ କାରିଗର ସୃଷ୍ଟି କରାଗଲେ ଶିଳ୍ପର ବିକାଶ ହୋଇ ପାରିବ ବୋଲି ସମବାୟ ପ୍ରେମୀ ମହାରଣା ଓ ସାହୁ କହିଛନ୍ତି। ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ପରିଚାଳନା ନିର୍ଦ୍ଦେଶିକା ଗାୟତ୍ରୀ ପଟ୍ଟନାୟକ ଏକଦା କଣ୍ଟିଲୋ ଗସ୍ତ ସମୟରେ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଦେଖି ଶିଳ୍ପ ବିଭାଗ ଦ୍ୱାରା ଏହି ହସ୍ତଶିଳ୍ପର ବିକାଶ ଓ ଉନ୍ନତି ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିଶ୍ଚିତ ଭାବେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ କୌଣସି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବାରୁ ଏହି କାରିଗରମାନେ ଚିନ୍ତାରେ ପଡ଼ିଛନ୍ତି।



କଣ୍ଟିଲୋ ପିତ୍ତଳ କାରିଗରଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ସାମଗ୍ରୀ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ସୌମ୍ୟକାନ୍ତ


@ ସୁଜିତ୍


@ ସୂର୍ଯ୍ୟାଂଶ


@ ରମାକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୀଳମାଧବଙ୍କ ଓଢ଼ଣ ଲାଗି ବେଶ



**ଖଣ୍ଡପଡ଼ା,୭।୧୨(ଅଜୟ କୁମାର ମହାରଣା)**

ଶନିବାର ପବିତ୍ର ଓଢଣ ଷଷ୍ଠୀ ତିଥି। ଏହି ଅବସରରେ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ଓଢଣ ଲାଗି ବେଶ ଆରମ୍ଭ ହୋଇଛି। ଓଢ଼ଣୀ ଲାଗିର ବିଶେଷତ୍ୱ ହେଉଛି ଯେ 'ଯଥାଦେହେ ତଥାଦେବେ'। ମନୁଷ୍ୟ ଶୀତଦାଉରୁ ରକ୍ଷା କରିବା ପାଇଁ ଶୀତ ବସ୍ତ୍ର ବ୍ୟବହାର କରୁଥିବା ସମୟରେ ଦେବତାମାନଙ୍କୁ ଆଜିଠାରୁ ଶୀତ ଲାଗିଥାଏ। ଏହି ପାରମ୍ପରିକ ବେଶ ଆସନ୍ତା ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପ୍ରବଳ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶ୍ରୀଜୀଉଙ୍କୁ ଏହି ବେଶରେ ସଜା ଯାଇଥାଏ। ଏହି ପ୍ରଥା କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଛି। ଏହି ସମୟରେ ଶ୍ରଦ୍ଧାଳୁମାନେ କେବଳ ଠାକୁରଙ୍କ ମୁଖ ଦର୍ଶନ କରିବେ। ଏହି ଶୀତ ଦିନରେ ଠାକୁରଙ୍କ ମୁଖ ବ୍ୟତୀତ ସମସ୍ତ ଶରୀରକୁ ଆବୃତ କରି ରଖାଯାଇଥାଏ। ଏଥିପାଇଁ ପ୍ରାତଃ ୫ଟାରେ ଶ୍ରୀଜୀଉଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳ ଆଳତୀ, ଅବକାଶ ନୀତି, ବୈନିକ ବେଶ, ବଲ୍ଲଭ, ସକାଳ ଧୂପ ଉଠିବା ପରେ ଶ୍ରୀଜୀଉଙ୍କ ଶରୀରକୁ ଆବୃତ କରିବା ସହ ମୁଣ୍ଡରେ ପଗଡ଼ି ବନ୍ଧା ଯାଇଥିଲା। ଏହି ସମୟରେ ଶ୍ରୀଜୀଉଙ୍କ ନିକଟରେ ସ୍ୱତନ୍ତ୍ର ଭୋଗ ଲାଗି ହୋଇଥିଲା। ଆଜିର ଏହି ପାରମ୍ପରିକ ନୀତି ଅବସରରେ ଶୁକ୍ରବାର ପଞ୍ଚମୀ ତିଥିରେ ଶ୍ରୀଜୀଉଙ୍କ ରାତ୍ର ଚନ୍ଦନ ନୀତି ବଢିବା ପରେ ଭୋଗ ମଣ୍ଡପ ଘରେ ପୂଜକ ବାସୁଦେବ ମିଶ୍ର ୩ ମଣ୍ଡଳ କାଟିଥିଲେ। ଏହାପରେ ପୂଜାରୀ ଅଧିବାସ ନୀତି ସମ୍ପନ୍ନ କରିବା ପରେ ଦୁଆର ମୁଦ ଦିଆହୋଇଥିଲା। ମୋଟ ୧୨ଟି ଘୋଡ (ଚତୁର୍ଦ୍ଧା ବିଗ୍ରହଙ୍କର) ସମେତ ବିମଳା, ଲକ୍ଷ୍ମୀ, ମଦନ ମୋହନ, ଶ୍ରୀଦେବୀ, ଭୂଦେବୀଙ୍କ ଘୋଡ ଅଧିବାସ ସମ୍ପନ୍ନ ହୋଇଥିଲା।

# ୧୮ ଘଣ୍ଟା ବିଦ୍ୟୁତ୍ କାଟ୍

## ୩୩ କେଭି ଲାଇନ ଅଚଳ ଥିବାରୁ ଅନ୍ଧକେ ବର୍ତ୍ତିଲେ ଲୋକେ



**ଓଡ଼ଗାଁ,୭।୧୨ (ଆଦର୍ଶ କୁମାର ପଟ୍ଟନାୟକ)**

ଶୁକ୍ରବାର ସନ୍ଧ୍ୟାରୁ ନୟାଗଡ଼ ରାଜପାଟଣା ଗ୍ରୀଡରୁ ଓଡ଼ଗାଁକୁ ଆସିଥିବା ୩୩ କେଭି ଲାଇନ ଅଚଳ ଥିବା କାରଣରୁ ଶରଣକୁଳ ସମେତ ସ୍ଥାନୀୟ ଅଞ୍ଚଳର ୫୦ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ଥିଲେ। ଏହି ସମୟରେ ସମସ୍ତ ବିଦ୍ୟୁତ୍ କର୍ମଚାରୀ ଓ ଅଧିକାରୀ ୩୩ କେଭି ଲାଇନର ତଦାରଖରେ ବ୍ୟସ୍ତ ରହିଥିବା ବେଳେ ସହରର ସମସ୍ତ ଅଞ୍ଚଳ ଅନ୍ଧକାର ରହିଥିଲା। ହେଲେ ସ୍ଥାନୀୟ ବଜାରରେ ପ୍ରାୟ ୩୦୦ ମିଟର କେବୁଲ ୨୧ ନମ୍ବର ରାଜ୍ୟ ରାଜ ପଥ ଉପରେ ଛିଣ୍ଡି ପଡିଥିଲା। ହେଲେ ବିଦ୍ୟୁତ୍ ସଂଯୋଗ ଦିଆଯାଇନଥିବାରୁ କୌଣସି ଅଘଟଣ ଘଟି ନ ଥିଲା।

ସୂଚନା ଅନୁଯାୟୀ, ବଜାରର ଏକ ପାଖିଆ ରାସ୍ତାରେ ଜଣେ ବ୍ୟକ୍ତି ରାତାରାତି ଘର ଛାତ ପକାଇବା ପାଇଁ ଗୋଡି ବାଲି ସହିତ ମିକ୍ସର ମେଶିନ ରଖିଥିଲେ। ରାତିରେ ସେହି ରାସ୍ତାରେ ଯାଉଥିବା ଏକ ନଳକୂପ ଖନନ ଗାଡି ଚାଳକଙ୍କ ଅସଧାନତା କାରଣରୁ କେବୁଲ ଓ ବିଦ୍ୟୁତ୍ ଖୁଣ୍ଟକୁ ଘୋଷାଡ଼ି ନେଇଥିଲା। ଲୋକେ ଗାଡିକୁ ଅଟକାଇଥିଲେ ସୁଦ୍ଧା ଗାଡ଼ି ମାଲିକ ଜଣେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଘଟଣାସ୍ଥଳରୁ ଚାଳକ ଗାଡ଼ି ନେଇ ଚାଲିଯାଇଥିଲେ। ହେଲେ ସୌଭାଗ୍ୟବଶତଃ ୩୩ କେଭି ଅଚଳ ଥିବାରୁ ଗାଡି ଚାଳକଙ୍କ ସମେତ ଅନେକ ଗ୍ରାହକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହାପରେ ଶନିବାର ସକାଳୁ କେବୁଲ ସଜାଡିବା କାମ ଆରମ୍ଭ ହୋଇଥିଲା। ଅପରାହ୍ନ ସୁଦ୍ଧା ଅର୍ଥାତ୍ ପ୍ରାୟ ୧୮ ଘଣ୍ଟା ପରେ ଗ୍ରାହକ ବିଦ୍ୟୁତ୍ ସେବା ପାଇଥିଲେ।

ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁଙ୍କୁ ପଚାରିବାରେ ଏନେଇ ଦୁଃଖ ପ୍ରକାଶ କରିବା ସହିତ ଏଥିପାଇଁ ଧ୍ୟାନ ଦେବି ବୋଲି କହିଛନ୍ତି। ସେହିପରି ଟାଟା ପାୱାର ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ମହାରଣା କହିଛନ୍ତି, ଦୁର୍ଘଟଣା ଘଟାଇଥିବା ଗାଡିକୁ ଠାବ କରିବା ପରେ ମାଲିକଙ୍କ ବିରୋଧରେ ପୋଲିସରେ ଅଭିଯୋଗ କରାଯିବ।




# ପଲ୍ଲୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୭।୧୨ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ କୁମ୍ଭାରପଡ଼ା ଶ୍ରୀ ଲଡୁକେଶ୍ୱରଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ବାବା ସାହେବ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାବାସାହେବ ଆମ୍ବେଡ଼କରଙ୍କ ୬୮ତମ ମହାନିର୍ବାଣ ଦିବସ ଓ ପଲ୍ଲୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଆୟୋଜିତ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି କାର୍ଯ୍ୟକ୍ରମ ସଂପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ କୁମ୍ଭାରପଡା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦଳେଇ,



ପଲ୍ଲୀ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର।

## ସମ୍ବିଧାନକୁ ଜୀବନସାଥୀ ରୂପେ ଗ୍ରହଣ କରିବାକୁ ଶପଥ

ସମ୍ମାନୀତ ଅତିଥି ଭାବେ ଓଡିଆ ଅଧ୍ୟାପିକା ପୂଜା ମହାପାତ୍ର, ଶିକ୍ଷା ବିଭାଗ ଅଧ୍ୟାପିକା ମଞ୍ଜୁବାଳା ଭୋଇ, ରାଜନୀତି ବିଜ୍ଞାନ ଅଧ୍ୟାପକ ଗୁଣନିଧି ଦାଶ, ଶିକ୍ଷାବିତ୍ ଅଜୟ କୁମାର ସେଠୀ, ଶିକ୍ଷକ ମନୋଜ କୁମାର ନାୟକ, ସମିତି ସଭ୍ୟ ନରେନ୍ଦ୍ରନାଥ ଦାଶ, ଭାରତ ମୁକ୍ତି ମୋର୍ଚ୍ଚା ନୟାଗଡ଼ ଶାଖାର ସମ୍ପାଦିକା କବିତା ସାହୁ, ସାମାଜିକ କର୍ମୀ ଜଗଦୀଶ ନାୟକ ପ୍ରମୁଖ ଯୋଗଦେଇ ବାବା ସାହେବ ଆମ୍ବେଡ଼କର ଜଣେ ମହାନ ରାଷ୍ଟ୍ର ନୀତିଜ୍ଞ ଓ ସାମାଜିକ ନ୍ୟାୟ ଆନ୍ଦୋଳନର ଅଗ୍ରଣୀ ସୂତ୍ରଧର ବୋଲି ଅଭିହିତ କରିବା ସହ ସମ୍ବିଧାନକୁ ଜୀବନ ସାଥି ରୁପେ ଗ୍ରହଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ବିଶେଷ କରି ଏକ ସମତା ଭିତ୍ତିକ ନ୍ୟାୟପୂର୍ଣ୍ଣ ଓ ପ୍ରଗତିଶୀଳ ସମାଜ ଗଠନରେ ସେ ଥିଲେ ପ୍ରବକ୍ତା। ସମାଜର ତଳସ୍ତରରେ ଅବହେଳିତ ଓ ନିର୍ଯାତିତ ଲୋକମାନଙ୍କ ଉତ୍‌ଥାନ ପାଇଁ ତାଙ୍କ ସଂଗ୍ରାମ ଅବିସ୍ମରଣୀୟ ହୋଇ ରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟର ପ୍ରତିଷ୍ଠାତା ବିଜୟ କୁମାର ସେଠୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏ ଅବସରରେ 'ତ୍ରିରତ୍ନ ବନ୍ଦନା' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି କୃତୀତ୍ୱ ହାସଲ କରିଥିବା ବିଭିନ୍ନ ଶିକ୍ଷାନୁଷ୍ଠାର ଛାତ୍ରୀଛାତ୍ରମାନଙ୍କୁ ଅତିଥି ଦ୍ୱାରା ବାବା ସାହେବଙ୍କ ଫଟୋଚିତ୍ର ସହ ପ୍ରେରଣାପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବାବା ସାହେବଙ୍କ ଜୀବନ ଦର୍ଶନ ଉପରେ ଆଧାରିତ ନୃତ୍ୟ, ଗୀତ ପରିବେଷଣ କରାଯାଇଥିଲା।



